ଦଶରଥ ସାମଲ



# ସମାନ୍ତର

# ସମାନ୍ତର

ଶ୍ରୀ [illegible]

ଶ୍ରୀ ପ୍ର [illegible]

୨/୪୦୪

ଶ୍ରୀ ପଞ୍ଚମୀ—୧୯୪୯

ଲେଖକ—
ଶ୍ରୀ ଦଶରଥ ସାମଲ

ପ୍ରକାଶିକା—
ଶ୍ରୀ ପ୍ରକାଶିନୀ
ଝଞ୍ଜିରି ମଙ୍ଗଳା, କଟକ—୧.

ପ୍ରଚ୍ଛଦଶିଳ୍ପୀ—
ଶ୍ରୀ ଶ୍ରୀନାଥ ପାଠଣୀ

ମୁଦ୍ରାକର—
ଶ୍ରୀ ମହେଶ୍ୱର ମିଶ୍ର
ଗଣପ୍ରକାଶିକା ପ୍ରେସ୍, କଟକ-୧

ପରିବେଷଣ—
ଆଧୁନିକ ପ୍ରକାଶନୀ—
[illegible], କଟକ-୧—

ପ୍ରଥମ ପ୍ରକାଶ—
ବସନ୍ତ ପଞ୍ଚମୀ—୧୯୭୯

ସ୍ୱତ୍ୱ—
ଏକ ସ୍ୱାଧୀନ

ମୂଲ୍ୟ—
ଏକ ଟଙ୍କା ୭୫ ନୂଆ ପଇସା

# ଉତ୍ସର୍ଗ

ଶ୍ରୀମାନ୍ ନିରଞ୍ଜନ କୁମାର ଓ

ଶ୍ରୀମତୀ [illegible] କୁମାରୀ [illegible]

[illegible]........

—[illegible]

ଶେଫାଳୀ ।

ଷୋଳ ସତର ବର୍ଷ ବୟସର ଝିଅଟିଏ । ହାଇସ୍କୁଲରେ ତିନୋଟି ଶ୍ରେଣୀ ପାଠ ପଢି, ପଢ଼ା ବନ୍ଦ କରିଛନ୍ତି । ଘରେ ରହି ଖାଲି ବହି ପଢ଼ୁଛନ୍ତି । କବିତା ଲେଖୁଛନ୍ତି । ପତ୍ର ପତ୍ରିକାକୁ ପ୍ରକାଶ ପାଇଁ ପଠାଉଛନ୍ତି ।

ମଫସଲ ଗାଁ । ବହି ପଢିବାକୁ ତାକୁ ପ୍ରଚୁର ମିଳେନି । ସହରକୁ କେହି ଯେବେ ତେବେ ଆସନ୍ତି, ତାଙ୍କର ହାତରେ ସେ ବହି ଆଣିବାକୁ ବରାଦ କରେ । ଉପନ୍ୟାସ, ଗଳ୍ପ ଆଉ କବିତା ବହି ଆସେ । ସେ ପଢ଼େ । ମଫସଲି ଜୀବନର ଅଳସ ଦିନଗୁଡ଼ିକ ତା'ର ଏଇମିତି କଟେ ।

ଦିନ ଯାଏ........

ଶେଫାଳୀ, ପ୍ରଥମେ ଛୋଟ ପିଲାଟିଏ ହୋଇଥିଲା । ବେଶୀ ଛୁଡ଼ ...କ୍ ପିଲ୍ଲା ଗାଁର ବାଳିକା ସ୍କୁଲରେ ପଢୁଥିଲା । ବାଳିକା ସ୍କୁଲର

ପଢ଼ା ଶୁଣା ସେଠି ମାଇନର ଚ ପଢିଲା । ମାଇନର ପରେ ମାଟ୍ରିକ ମାଟ୍ରିକୁଲେସନ ଶ୍ରେଣୀର ତିନୋଟି ଶ୍ରେଣୀ ପଢି ସାରିଲା ପରେ, ବାପା ତା'ର ପଢ଼ା ବନ୍ଦ କରିଦେଲେ । ସେଇଦିନ ଠାରୁ ସେ ରହିଲା ଘରେ ।

ପିଲାଦିନେ ଫ୍ରକ୍ ପିନ୍ଧି ଗାଁ ସଡ଼କରେ ବେଣୀ ଝୁଲେଇ ସେ ଯାଉଥିଲା । କେତେ ବାଳିକା ସାଙ୍ଗ ତା'ର ଥିଲେ । ସେଇ ସାଙ୍ଗମାନଙ୍କ ଭିତରୁ ଲତା, ସୁମତୀ, ମୈଥିଳୀ—ଏଇମାନେ ତା'ର ଥିଲେ ବେଶୀ ସାଙ୍ଗ, ସ୍କୁଲକୁ ଗଲାବେଳେ ନିଜେ ନିଜେ ସବୁ ଡକାଡ଼କି ହୋଇ ଯାଉଥିଲେ ।

ଲତା, ସୁମତୀ, ମୈଥିଳୀ ଆଉ ଶେଫାଳୀ ଭିତରୁ ସେଇ ଥିଲା ଟିକିଏ ସୁନ୍ଦରୀ । ଲତା ସାବନା; ସୁମତୀର ଟିକିଏ ବଡ଼ ମୁହଁ । ମୈଥିଳୀ ଥିଲା ଟିକେ ଦାନ୍ତୀ । ଶେଫାଳୀ ଶ୍ରେଣୀରେ ଭଲ ପଢ଼େ । ଏମାନେ ତା' ଠାରୁ ପରୀକ୍ଷାରେ କମ୍ ନମ୍ବର ହିଁ ରଖନ୍ତି । ତେଣୁ ଏମାନେ ଶେଫାଳୀ ପ୍ରତି ଅସନ୍ତୁଷ୍ଟ ହୁଅନ୍ତି ।

ଇଏ ବାଳିକା ବିଦ୍ୟାଳୟର କଥା……

ଏଇ ଗୁରୁଜଣଯାକ ଆସି ଏକା ସାଙ୍ଗରେ ପୁଣି ହାଇସ୍କୁଲରେ ପଢିଲେ । ସେତେବେଳକୁ ସମସ୍ତଙ୍କୁ ପ୍ରାୟ ଏଗାର କି ବାର ବୟସ ହୋଇ ଯାଇଥିଲା ।

ସେତେବେଳେ ସମସ୍ତେ ଦେଖିଲେ, ଶେଫାଳୀ ସାଙ୍ଗରେ ବନ୍ଧୁ ସ୍ଥାନ କଥାବାର୍ତ୍ତା କରୁଛନ୍ତି । ଉପରେ ପଡ଼ି ବି କଥାର ଖିଅ କାଢୁଛନ୍ତି । ଦିନେ ସେ ଅନୁପସ୍ଥିତ ରହିଲେ, ତା'ର କାରଣ ବି ପଚାରି ବସନ୍ତି । କିନ୍ତୁ ସେମାନଙ୍କୁ କାହିଁକି କେହି ପଚାରନ୍ତି ନାହିଁ !

## —ତିନି—

ସେମାନେ [illegible] ଚଉଦରେ ଆସି ପହଞ୍ଚିଲେ । ଆଖିରେ, ଦେହରେ ଲାବଣ୍ୟ ଉକୁଟିଲା । କଥାରେ, ଚାଲିରେ କଳା ଫୁଟିଲା । ଶେଫାଳୀ ଆଉ ଏ ସମସ୍ତେ ପାଦ ଟିପି ଟିପି ଚାଲିଲେ । ଅଳପ ଅଳପ କଥାବାର୍ତ୍ତା କଲେ । ଆପଣାକୁ ସୁନ୍ଦର କରିବା ପାଇଁ ସାଧ ମତେ ଚେଷ୍ଟା କଲେ ।

ଦଶମ ଶ୍ରେଣୀରୁ ପଢ଼ା ବନ୍ଦ ହୋଇଲା ସେଫାଳୀର ।

କିନ୍ତୁ ଲତା, ସୁମତି ଆଉ ମୈଥିଳୀ ବେଶୀ ବେଶୀ ପଢ଼ିଲେ । ମାଟ୍ରିକ, ଆଇ.ଏ. । ସେ କିନ୍ତୁ ରହିଲା ସେଇଦିନୁ ଘରେ ।

ଶେଫାଳୀ ସକାଳୁ ଉଠେ । ଆଖି ଧୋଇ ବାହାରକୁ ଚାହେଁ । ଦେଖେ, ସକାଳ ଆସିଯାଇଛି । ପୂର୍ବ ଆକାଶ ନାଲି ପଡ଼ି ପଡ଼ି ଆସୁଛି । ଗାଁର ବହୁ ଲୋକେ ଏପର୍ଯ୍ୟନ୍ତ ବି ଉଠି ନାହାନ୍ତି- ସକାଳର ସେଇ ଶାନ୍ତ ପରିବେଶ ଭିତରେ ଶେଫାଳୀ ଚାହେଁ ଆପଣାକୁ, ଆପଣାର ଦେହ ଆଉ ମୁହଁକୁ । ମନ ଭିତରେ ତା'ର କେତେ ଆଶାର ଜୁଆର ଆସେ । ଖରା ମାଡ଼ି ଆସେ । ସେଇ ଜୁଆରଅ ଭାବନା ତ'ର ବନ୍ଦ ହୁଏ ।

ଖରାବେଳେ ସେ ବହି ପଢ଼େ । ଠିକ ପରି ବହି ଭିତରେ ସେ ହଜିଯାଏ । ଖରାବେଳ ଯାଏ । ସଂଧ୍ୟା ଆସେ । ଖରାବେଳେ ପଢ଼ି-ଥିବା ବହିଗୁଡ଼ିକର ଘଟଣା ମନ ଭିତରେ ତା'ର ଘୁରେଇ ବୁଲେଇ ହୁଏ ।

ସଂଧ୍ୟାର ଆକାଶକୁ ଚାହେଁ । ଅଳ୍ପ କେଇଟି ତାରା ବଡ଼ ଉଜ୍ଜ୍ୱଳ ହୋଇ ଆକାଶର ଗର୍ଭରେ ଦିଶନ୍ତି । କାଠି କାଠି ଅନ୍ଧାର ତାଙ୍କ ଗା ଗହିରି ଦେଇ ମାଡ଼ି ଆସେ ।

ସେଇ ଅନ୍ଧାର ଭିତରେ ସେଇ କେଉଁଠି ତାରାକୁ ସେ ଚାହେଁ ମନ ସତେ ଅବା ତା'ର ଉଦାସ ହୋଇ ଉଠେ । ଘରକୁ ଫେରେ ଉଦାସ ମନକୁ ନେଇ ଘରକାମରେ ତା' ନିଜର ମା'କୁ ସାହାଯ୍ୟ କରେ ।

ଚନ୍ଦ୍ରମାର ରାତିରେ, ଜହ୍ନ ଚକ୍‌ଚକ୍ ହୁଏ । ସେଇ ଜହ୍ନକୁ ବି ସେ ଚାହେଁ । ସେଇ ତୋଫା ଜହ୍ନକୁ ବାର ବାର ଆଖି ମେଲି ଚାହେଁ । ଘର ଭିତରର ଝରକା ଦେଇ ଚାହେଁ । ପୁଣି ସେଠୁ ଫେରି ଆସେ । ଦାଣ୍ଡରେ ଦେଖେ ଜହ୍ନକୁ ଅତି ପରିଷ୍କାର ଭାବେ ।

ପୁଣି କେଉଁ ଦିନ ମେଘ ଘୋଟି ଆସେ । ସବୁ ଯେମିତି ଅନ୍ଧାର ଦିଶେ । ପବନ ପିଟେ । ଛୁ ଛୁ ହୋଇ ବର୍ଷା ପଡ଼େ । ବିଜୁଳି ମାରେ । ଘର ଭିତରେ ସେ ଶୋଇରହି କାନ ଭିତରେ ହାତ ଦିଏ ଭାରି ଭଲ ଲାଗେ ବର୍ଷା ତାକୁ କିନ୍ତୁ ।

ଶେଫାଳୀ ଆକାଶର ତାରାକୁ ଭଲ ପାଉଛି । ଶୁକ୍ଳ ତିଥିର ଜହ୍ନକୁ ଅନାଉଛି । ମେଘ ଅନ୍ଧାର ରାତି ବି ତାକୁ ଭଲ ଲାଗୁଛି ।

କାହିଁକି ଭଲ ଲାଗୁଛି ତାକୁ ? ତା'ର ଭିତରେ କଣ ପାଏ ସେ କେଜାଣି ? ବର୍ଷା, ଜହ୍ନ, ସଂଧ୍ୟା, ସକାଳ ଆଉ ମିଠି ମିଠି ତାରା ଭିତରୁ କି ଆମୋଦ ପାଏ ସେ ? ଜାଣି ହୁଏନି । ନିଜେ ନିଜେ ସେ ଏସବୁ ଉପଭୋଗ କରେ । କେତେବେଳେ ମନର ହରିଣୀ ତା'ର କାନ୍ଦେ । କେତେବେଳେ ଅବା କୁଦି କୁଦି ଫେରି ଆସେ ପୁଣି ଆପଣା ଜାଗାକୁ ।

ଶେଫାଳୀର ଦିନ ଯାଏ ।

## — ପାଞ୍ଚ —

ସୁରେନ୍ଦ୍ର ।

ସେଇ ଗାଆଁରେ ତା'ର ଘର । କଲେଜରେ ବି:ଏ: ଶ୍ରେଣୀରେ ପଢେ ।

ଗାଆଁରେ ଭାରି ପ୍ରଶଂସା ସୁରେନ୍ଦ୍ରର । ତାଙ୍କ ଗାଁରେ କେତେ ଗଠନମୂଳକ କାମ ସେ କରେ । ଛୁଟିରେ ଘରକୁ ଆସିଲେ ଗାଁର ଉନ୍ନତି ପାଇଁ କେତେ ସଭା ସମିତି ସେ ଡାକେ । ପାଠାଗାରର ବାର୍ଷିକ ସମ୍ମିଳନୀ ପାଇଁ କେଉଁଠୁ କେତେ ଲୋକ ଆଣି ଗାଁରେ ପହଞ୍ଚାଇ ଦିଏ । ବନ୍ୟା ବେଳେ ସଡକ ଭାଙ୍ଗି ଯାଇଥିଲେ, ଗାଁ ଟୋକାଙ୍କୁ ଆଣି, ବନ୍ଧ ବାନ୍ଧେ । ବୁଢା ବୁଢୀ ଲୋକଙ୍କୁ ଡାକି ଆଣି ପାଖରେ ବସାଏ । ଦେଶ ବିଦେଶ ଖବର ସେ କହି ଚାଲେ ।

ତେଣୁ ସେ ଗାଁରେ ସୁରେନ୍ଦ୍ର ଥିଲା ସମସ୍ତଙ୍କର ଆଦରର ପାତ୍ର ।

ଏଇ ସୁରେନ୍ଦ୍ର—ସେତେବେଳେ ହାଇସ୍କୁଲର ଥିଲା ଏକାଦଶ ଶ୍ରେଣୀର ଛାତ୍ର । ସେଇଠି ପଢୁଥିଲା ବେଳେ ଡିବେଟିଂ ସୋସାଇଟିରେ ସେ କେତେ ଯୁକ୍ତିମୂଳକ ବକ୍ତୃତା ଦେଇଥିଲା । ସେଇଠୁ ତା' ଜୀବନର ସବୁ ବିକାଶ ଯେମିତି ଜଣା ପଡୁଥିଲା ।

ଶେଫାଳୀ ଥିଲା ସେତେବେଳେ ଅଷ୍ଟମ ଶ୍ରେଣୀର ଛାତ୍ରୀ ।

ଯେତେବେଳେ ଏଇସବୁ ଡିବେଟ ପ୍ରଭୃତିର ଆୟୋଜନ କରାଯାଏ, ଶେଫାଳୀ ବି ଅଂଶ ନେଉଥିଲା ସେଥିରେ । ସେଇ

ହାଇସ୍କୁଲରେ ଆଉ ଗୋଟିଏ ସାହିତ୍ୟ ସଂସଦ ନା ଏମିତ କ'ଣ ଗୋଟିଏ ଥିଲା । ପ୍ରତି ଶନିବାର ଦିନ ଶେଫାଳୀ ତା' ଲେଖା ନେଇ ସେଠି ପଢ଼ିଥିଲା । ସମସ୍ତେ ତାକୁ ଉଚ୍ଛ୍ୱସିତ ପ୍ରଶଂସା କରୁଥିଲେ । ଏମିତ ଏମିତି ସୁରେନ୍ଦ୍ର ଆଉ ଶେଫାଳୀର ହାଇସ୍କୁଲ ଜୀବନ ଗୁଲି-ଥିଲା ।

ସୁରେନ୍ଦ୍ର ମାଟ୍ରିକ୍ ପଢ଼ିସାରିଲା ପରେ କଲେଜରେ ପଢ଼ିଲା । ଶେଫାଳୀର ଦଶମ ଶ୍ରେଣୀରୁ ପଡ଼ା ରହିଲା ।

ସେଇ ହାଇସ୍କୁଲରେ ପଢୁଥିଲା ବେଳେ ଏଇ ଶେଫାଳୀ ତା'ର ମନ ଭିତରେ ଭଲ ପାଇ ବସିଥିଲା ସୁରେନ୍ଦ୍ରକୁ । ଆଉ ସୁରେନ୍ଦ୍ର ବି ଶେଫାଳୀକୁ ଭଲ ପାଇଥିଲା ।

କଲେଜରେ ପଢୁଥିଲା ବେଳେ ସୁରେନ୍ଦ୍ର ଘରକୁ ଆସେ । ସୁରେନ୍ଦ୍ର ଆଉ ଶେଫାଳୀ କେତେ କଥାବାର୍ତ୍ତା ହୁଅନ୍ତି ।

ସୁରେନ୍ଦ୍ର କହେ—'ଶେଫାଳୀ, ତୋ କବିତା ମୁଁ ଅମୁକ ପତ୍ରିକାରୁ ପଢ଼ିଥିଲି । ଭାରି ଭଲ ଲାଗିଲା । ମୋ ସାଙ୍ଗ ସାଥିଙ୍କୁ ପଢ଼ାଇଲି, ସମସ୍ତେ ଭଲ କହିଲେ ।'

ଶେଫାଳୀ ହସେ, ନିଜ କବିତାର ପ୍ରଶଂସାରେ ଗୁଡ଼ି ତା'ର ଫୁଲି ଉଠେ । ତା' କବିତା, କଲେଜର ସୁରଭାଇ ସାଙ୍ଗମାନଙ୍କ ଭିତରେ ପଢ଼ା ଯାଇଛି ବୋଲି ଭାବି, ନାକ ଅଗ ତା'ର ଗର୍ବରେ ଫୁଲି ଉଠେ ।

ସୁରେନ୍ଦ୍ର ଆଉ ଶେଫାଳୀ—ସେଇ ଗାଆଁର ସତେ ଯେପରି ମଣି-କାଞ୍ଚନ ।

## —ସାତ—

ସୁରେନ୍ଦ୍ର ଗାଁର ଉନ୍ନତିମୂଳକ କାମ ପାଇଁ ଚେଷ୍ଟା କରେ । ଶେଫାଳୀ ତା' ସହ ବି ଅଂଶ ଗ୍ରହଣ କରେ । ତେଣୁ ଶେଫାଳୀ ବି ଥିଲା ସୁରେନ୍ଦ୍ର ସହ ପ୍ରଶଂସାର ପାତ୍ରୀ । ଏଇମିତି ସୁରେନ୍ଦ୍ର ଆଉ ଶେଫାଳୀର ସମ୍ପର୍କ ଦିନକୁ ଦିନ ଘନିଷ୍ଠ ହେଉଛି ।

ଶେଫାଳୀ ଘରୁ ଥାଇ ଚିଠି ଲେଖେ ସୁରେନ୍ଦ୍ର ପାଖକୁ—"ମୋ ପାଇଁ ଅମୁକ ବହି ଆଣିବ ସୁରଭାଇ । ନୂଆ ହୋଇ ପ୍ରକାଶିତ ହୋଇଥିବା "ବଧୂବରଣ" ଉପନ୍ୟାସ ପଠାଇବ । ଗାଁକୁ କେବେ ଆସିବ ? ତମ ଚିଠି ଅପେକ୍ଷାରେ ରହିଲି ।"

ସୁରେନ୍ଦ୍ର ଲେଖେ—'ଡାକରେ ତୋ ବରାଦ ବହି ପଠାଇଲି । ଡେରି ହୋଇଗଲା ବୋଲି ମନରେ କିଛି ଭାବିବୁନି । ମନେ ରଖିଥିବୁ । ଘରକୁ କେବେ ଯିବି, ପରେ ଲେଖିବି । ଥାଆ—'

ଥରେ । କୁମାର ପୂର୍ଣ୍ଣିମା ହେବାକୁ ଅନ୍ତର ଦୁଇ ଦିନ ଅଛି ।

ସୁରେନ୍ଦ୍ର ପୂଜା ଛୁଟିରେ ଘରକୁ ଆସିଛି ।

ଗୋଟିଏ ସଂଧ୍ୟା । ସୁରେନ୍ଦ୍ର ଆଉ ଶେଫାଳୀ ମହାଦେବ ମଣ୍ଡପରେ ବସିଛନ୍ତି । ମଣ୍ଡପର ଆଗକୁ ବଡ଼ ପୋଖରୀ । ଅସୁମାରି କଇଁଫୁଲର କଢ଼ ମୁଣ୍ଡ ଟେକିଛି ।

ଆକାଶ ଛାତରେ ଜହ୍ନ । ନୀଳ, ତେଜ ତେଜକା ଆକାଶ । ପାଖରେ କେହି ନାହାନ୍ତି । ପ୍ରଥମେ ସୁରେନ୍ଦ୍ର କହିଲା—'ଶେଫି ! କଲେଜରେ ପାଠ ପଢୁଥିଲା ବେଳେ ତୋ କଥା ମୋର ଭାରି ମନେ ପଡ଼େ । ଦିନେ ଦିନେ ଏଇମିତି ଜହ୍ନ ପକ୍ଷରେ, ହଷ୍ଟେଲର ଝରକା ଖୋଲି ମୁଁ ଏଇ ଜହ୍ନକୁ ଚାହେଁ । ବହିଗୁଡ଼ାକ ଖୋଲା ହୋଇ

ଟେବୁଲ୍ ଉପରେ ପଡ଼ିଥାଏ । ସରଗର ସେଇ ଚାନ୍ଦକୁ ମୁଁ ନିରୀକ୍ଷଣ କରି ଚାହେଁ, ଦେଖେଁ, ଅନୁଭବ କରେଁ । ସେଇ ଚାନ୍ଦ ଭିତରେ ଯେମିତି ତୋ ମୁହଁ ଲୁଚି ଲୁଚି ମୋ ସହ ଲୁଚକାଳି ଖେଳେ । ଆଉ ଦିନେ ଦିନେ କଲେଜ ହଷ୍ଟେଲ ଛାଡ଼ି, କଲେଜ ପଡ଼ିଆକୁ ଏକାକୀ ପଳାଇ ଆସେ । କଲେଜ ପଡ଼ିଆର ସେଇ ଘାସ ଗାଲିଚା ଉପରେ ମୁଁ ମୋ ଟାଉଏଲ୍ ପାରି ଶୋଇପଡ଼େ । ପୁଣି ଦେଖେ ସେଇ ଚାନ୍ଦ—ସେଇ ମୁହଁ । ଆମ ଭଲ ପାଇବା ଏଇ ଶରତ୍ ଆକାଶର ଚନ୍ଦ୍ରପରି ଶୁଭ୍ର ହେଉ, ସଫେଦ୍ ହେଉ ।'

ଶେଫାଳୀ କହେ—'ଶୁଣିବ ସୁର ଭାଇ ; ଠିକ୍ ତମରି ପରି ମୁଁ ବି ଅନୁଭବ କରେଁ । ସଂଧ୍ୟା ବେଳେ ଆକାଶର ତାରାକୁ ମୁଁ ଚାହେଁ । ରାତିର ଅନ୍ଧାରରେ, ମୁହଁକୁ ମୁହଁ ଯେଉଁଠି ଦେଖା ହୁଏନି, ସେଇ ଅନ୍ଧକାର ଭିତରେ ତମର ମୁହଁ ଜୁଳୁ ଜୁଳୁ ହୋଇ ମୋତେ ଦିଶେ, ଆଉ ଜହ୍ନ ପଷର ରାତି—ଆଃ ମୁଁ ଆଉ କହି ପାରିବିନି ସୁର ଭାଇ ।'

ଶେଫାଳୀ ଢୁଇଁ ଆସେ ସୁରେନ୍ଦ୍ର ପାଖକୁ । ସୁରେନ୍ଦ୍ର ତା' ମୁଣ୍ଡ ଖେଲି ଆଉଁସି ଦିଏ । ସ୍ନେହ, ମମତା ଅଜାଡ଼ି ଦିଏ ।

ଆଉ ଦିନେ । କୁମାର ପୂର୍ଣ୍ଣିମାର ପରଦିନ ରାତି । ଆକାଶରେ ଘଡ଼ି ମାରି ଜହ୍ନ ଆସିଛି । ମହାଦେବ ପୋଖରୀର ଅସୁମାରୀ କଇଁକଢ଼ ଏପଟେ ସେପଟେ ହୋଇଛନ୍ତି । କୁଆଁର ପୁନେଇଁର ଉତ୍ସବ ପାଇଁ ଗାଁ ଝିଏ ଫୁଲ ଆଉ ଦଳକୁ ଛିଣ୍ଡେଇ ମିଣ୍ଡେଇ ଅଡୁଆ କରିଛନ୍ତି ।

ସେଇ ମଣ୍ଡପରେ ପୁଣି ବସି ଛନ୍ତି ସୁରେନ୍ଦ୍ର ଓ ଶେଫାଳୀ ।

ଶେଫାଳୀ କହିଲା—'କେତେଦିନ ଏଇମିତି, ଏଇ ଭଲ ପାଇ ବାର ବନ୍ଧନରେ ଆମେ ବାନ୍ଧି ହୋଇଥିବା ? ଭବିଷ୍ୟତ ପାଇଁ ତମେ କ'ଣ କିଛି ଭାବୁନା ? ଦିନେ ହେଲେ ତ ତମେ ଭବିଷ୍ୟତ

## —ନଅ—

କଥା ତମା ଆଗରେ କହୁନା ? ଦୂର ହେବତ ସୁନ୍ଦର ବୋଲି କହୁ କହୁ ମତେ ଭଣ୍ଡୁନା ତ ସୁରଭାଇ ?'

ସୁରେନ୍ଦ୍ର କହେ—'ଶେଫି, ଭବିଷ୍ୟତ ପାଇଁ କିଛି ମୁଁ ଏବେ-ଭାବିନି; ଭାବିବାର ବି କିଛି କାରଣ ନାହିଁ । ଏଇ ସ୍ନେହ, ଏଇ ମମତାକୁ ଆମେ ଜୀବନ ଭରି ଆମ ଭିତରେ ସାଇତି ରଖିଲେ ତ ହେଲା !'

ଶେଫାଳୀ କହେ—'କେମିତି ସାଇତି ରଖିବା ? ବାହା ହୋଇ ନାହାନ୍ତି ବୋଲି ସିନା ଆମେ ଏକାଠି ବୁଲୁଛନ୍ତି, ବସୁଛନ୍ତି, ମନ ଇଚ୍ଛା ଗପୁଛନ୍ତି, ମନ ଭିତରର ସ୍ନେହ ଉଦୁଡ଼ାଉଜୁଡ଼ ହେଉଛନ୍ତି । ଆମ ଗାଁ ଲୋକଙ୍କର ଆମ ଉପରେ ଅଟଳ ବିଶ୍ୱାସ ଅଛି ବୋଲି ସିନା ଆମେ ନିରୋଳାରେ ବସି ଏତେ କଥା ଗପି ପାରୁଛନ୍ତି । କିନ୍ତୁ କାଲି ଯେତେବେଳେ ଏଇ ବୟସର ସୁଅ ବହି ଗଲବ, ସେତେବେଳେ ମୋ ପାଇଁ ଖୋଜାଯିବ ପାତ୍ର । ଆଉ ତମ ପାଇଁ ଲୋଡ଼ା ହେବ ପାତ୍ରୀଟିଏ । ସେତେବେଳ ପାଇଁ କିଛି ବାଟ ପରିଷ୍କାର କରୁଛ ନା ନାହିଁ ?'—

ସୁରେନ୍ଦ୍ର କହେ—'ବୁଝିଲି ଶେଫି, ତୁ ଗୋଟେ ଆଜି ଏମିତି ପ୍ରସ୍ତାବ ଆଣିଛୁ, ଯାହାର ମାନେ ଆମର ବିବାହ ପ୍ରସ୍ତାବ । ବିବାହ ନ କରି ଜୀବନଭରି ଆମେ କ'ଣ ଏଇ ସ୍ନେହ ଆଉ ମମତା ବାଣ୍ଟି ଆଣିପାରିବା ନି ? ସବୁ କରି ପାରିବା । ବିବାହର ଖୋଳପା ପିନ୍ଧି ଆମେ ସ୍ୱାମୀ ଆଉ ସ୍ତ୍ରୀ ନାଆଁରେ ଦୁନିଆଁରେ କାହିଁକି ଜଣାପଡ଼ିବା ? ଏଇ ସ୍ନେହ, ଏଇ ମମତା ନେଇ ଆମେ ରହୁଥିବା ଜଣେ ଜଣକଠାରୁ ଟିକିଏ ଦୂରରେ । ସେଇ 'ଟିକିଏ ଦୂରତ୍ୱ'ର ବ୍ୟବଧାନ ଆମ ଭଲ ପାଇବାର ଦୁନିଆରେ କେମିତି ପୂର୍ଣ୍ଣ ହୋଇ ଯାଉଥିବ । ସେଇ ସ୍ନେହ ଆଉ ମମତାକୁ ସମ୍ବଳ କରି ଆମେ କ'ଣ ବଞ୍ଚି ପାରିବାନି ଦୁନିଆଁରେ ?'

## —ଦଶ—

ଶେଫି କହେ, 'ସବୁ ବୁଝିଲି । କିନ୍ତୁ ବାପା ବୋଉ ଯେତେବେଳେ ଆମର ବାହାଘର ପ୍ରସ୍ତାବ ପକାଇ ପାତ୍ର-ପାତ୍ରୀ ନିର୍ବାଚନ କରିବେ, ଆଉ ଜବାବ ପାଇ ସାରି ବିବାହର ଆୟୋଜନ କରିବେ, ସେତେବେଳେ ଆମେ କ'ଣ କରିବା ?'

ସୁରେନ୍ଦ୍ର କହେ—'ବ୍ୟସ୍ତ ହେଉଛୁ କାହିଁକି ଶେଫି, ବେଳ ଯେତେବେଳେ ଆସିବ, ତା'ର ବ୍ୟବସ୍ଥା ଆମେ କରିବା । ଆଜହୁଁ ଏମିତି ହେଲେ କ'ଣ ଚଳିବ ?'

ଦୁହେଁ ଗପ ମେଲନ୍ତି । ଗପ ସରିଲେ ଆପଣାର ଘରକୁ ଫେରି ଆସନ୍ତି ।

ଅଂଜଳୀ—ବୟସ ଷୋଳ କି ସତର ଭିତରେ । କଲ୍ୟାଣପୁର ଗାଁରେ ତା'ର ଘର ।

ଅଷ୍ଟମ ଶ୍ରେଣୀରୁ ପଢ଼ା ବନ୍ଦ କରି ଏବେ ଘରେ ରହୁଛି । ନିମ୍ନ-ପ୍ରାଥମିକ ବାଳିକା ବିଦ୍ୟାଳୟରେ ସେ ଶିକ୍ଷୟିତ୍ରୀ ହୋଇଛି ।

ଅଂଜଳୀ—ଅଳ୍ପ ଡେଙ୍ଗୀ, ପାତଳୀ, ଟେଣା ଟେଣା ଭୁରୁ; କାନ ଛୁଇଁନ୍ତି ଲମ୍ବିଛନ୍ତି । ଗୌର ବର୍ଣ୍ଣ । କଥା କହିଲା ବେଳେ ମୋଟା ମୋଟା ଦି'ଫାଳି ଓଠରେ ହସ ତା'ର ଗଜୁରି ଉଠେ ।

ଘରେ ତା'ର ବୁଢ଼ୀ ମାଆ—ବାପା ନାହିଁ, ଆଉ କେହି ନାହାନ୍ତି । ଶିକ୍ଷୟିତ୍ରୀ ହୋଇ ଯାହା ଦି'ପଇସା ପାଏ, ମାଆକୁ ଦିଏ । ଘରେ ଜମି ଅଛି । ସୁଖରେ ମା ଆଉ ଝିଅ ଚଳନ୍ତି—

ସେଇ ଗାଁରେ ଦେବେନ୍ଦ୍ରର ଘର ।

## —ଏଗାର—

ଆଇ. ଏ. ପଢି ଭୁବନେଶ୍ୱରରେ କ'ଣ ଚାକିରି କରେ ସେ ।

ଅଂଜଳୀ ପ୍ରତି ପିଲାବେଳେ ତା'ର ଭାରି ମମତା ଥିଲା । ପିଲା ଦିନେ ସେ ଦୁହେଁ ଭାରି ସଂଗସାଥି ଥିଲେ । ପିଲା ଦିନର ବୋହୁ-ବୋହୁକା ଖେଳରେ ଦେବେନ୍ଦ୍ର ବର ସାଜେ; ସେ କନିଆଁ ହୁଏ । ଆଉ ଆଉ ପିଲାସବୁ ବର କନ୍ୟାଙ୍କର ମୁରବି ହୁଅନ୍ତି । ବାହାଘର ସରେ । ଦାଣ୍ଡ ମେଲାର ଗୋଟିଏ କଣରେ ହେଁସ ଆଉଜାଇ ଦେଇ ଛୋଟିଆ ଅନ୍ଧାରିଆ ଘରଟେ ତିଆରି ହୁଏ । ବର ବୋହୁ ଯେମିତି ନୂଆ ହୋଇ ଶାଶୁ ଘରକୁ ଆସିଲେ ଚୁ ଚୁ କରନ୍ତି, ଅଂଜଳୀ ସେଇମିତି କରେ । ଦେବେନ୍ଦ୍ର ଘରଭିତରକୁ ପଶିଯାଏ । ସ୍ୱାମୀ-ସ୍ତ୍ରୀ ହୋଇ ଦୁହେଁ କେତେ କଥା ବାର୍ତ୍ତା ହୁଅନ୍ତି ।

ସେଇ ଦିନରୁ ସେ ଦୁହିଙ୍କର ଭାରି ସଂଗ, ଭାରି ମମତା ।

ଦିନ ଗଡ଼ି ଗଡ଼ି ଗଲା । ଏମାନେ ବଢ଼ିଲେ, ମଣିଷ ହେଲେ, ପାଠ ପଢିଲେ । ପିଲାବେଳର ଚପଳତା ମନ ଭିତରୁ ତାଙ୍କର କଟି କଟି ଗଲା । ହେଲେ ପିଲାଦିନରେ ସେଇ ମିଛିମିଛିକା ଖେଳ ଘରେ ଯେମିତି ଯେଉଁ ଆନ୍ତରିକତା ଦେଇ ସ୍ୱାମୀ-ସ୍ତ୍ରୀ ହୋଇ ଥିଲେ, ବୟସ ବଢିଲେ ବି ସେଇ ଭାବ କେମିତି ଗୋଟେ ଦୁହିଙ୍କ ଭିତରେ ଜାଗି ରହିଲା । ସେଇ ଭାବ ବୋଧେ ଦୁହିଙ୍କୁ ଦୁଇଜଣଙ୍କ ଆଡ଼କୁ ଅଧିକ ଆକୃଷ୍ଟ କରାଇଲା ।

ବୟସ ବଢିଲା । ଦେବେନ୍ଦ୍ରର ଆଖିରେ ଅଂଜଳୀ ଆହୁରି ସୁନ୍ଦର ଦିଶିଲା । ଅଂଜଳୀ ଆଖିରେ ଦେବେନ୍ଦ୍ର ବରୂପର ପର୍ଯ୍ୟାୟ ମେଲିଲା ।

ତେଣୁ ଉଭୟେ ଉଭୟଙ୍କୁ ଭଲ ପାଉଛନ୍ତି । ଚିଠି ଦିଆ ନିଆ ଚାଲିଛି ।

ଥରେ, ଦେବେନ୍ଦ୍ର ଆସିଛି ଛୁଟିରେ ଘରକୁ ।

ସଂଜ ନଇଁ ଆସିଛି । ଗାଁର ମଥାନ ଭେଦି ଧୂଆଁ ଉଠିଲାଣି । ଅଂଜଳୀ ଆଉ ଦେବେନ୍ଦ୍ର ଖରସୁଆଁ ନଈକୂଳେ ବସିଛନ୍ତି ।

ଅଂଜଳୀ କହିଲା 'ଦେବ ଭାଇ, ମେ ତେ ବିବାହ କରିଦେବା-ପାଇଁ ବୋଉ ଆଜିକାଲି ଭାରି ବ୍ୟସ୍ତ ହେଲାଣି । ମୁଁ ତାଙ୍କୁ ଯେତେ ମନା କରୁଛି, ସେ କହୁଛି, ନାଇଁ; ମୋ ଦାୟିତ୍ୱ ମୁଁ ତୁଟାଇ ଦେଲେ ନିଶ୍ଚିନ୍ତ ହେବ । ଝିଅ ଜନମ ତ ପରଘରକୁ । ଆଉ କେତେ ରଖିବ କାହିଁକି ? ସେତେବେଳେ ମୋର କ'ଣ ଇଚ୍ଛା ହୁଏ ଦେବଭାଇ ଜାଣ, ଇଚ୍ଛା ହୁଏ ମୋ ମନକଥା ସଫା କହିଦେବାକୁ ତା' ପାଖରେ । କିନ୍ତୁ କହି ପାରେନା । ମୋ ଉପରେ କି ଧାରଣା ନେଇଛି ସେ ଜାଣ ? ମୋ ଭଳି ଝିଅ ଏ ଗାଁରେ ନାହିଁ ବୋଲି ସେ ଭାରି ଗର୍ବ କରେ । ଅନ୍ୟମାନଙ୍କ ପାଖରେ କହେ । ତେଣୁ ମୁଁ ଯଦି ତା' ପାଖରେ ମୋ ମନକଥା ଖୋଲି ଦେବି, କ'ଣ ସେ ଭାବିବ ?'

ଦେବେନ୍ଦ୍ର ଶୁଣେ, ଅଂଜଳୀର ବାହାଘର କଥା ଶୁଣି ମନ ତା'ର ଟିକେ ଦବିଯାଏ । ସତେ ଅବା ମୁଣ୍ଡରେ ତା'ର ଚଡ଼କ ପଡ଼େ । ଭବିଷ୍ୟତଟା ଅନ୍ଧକାର ଦିଶେ ।

ଅଞ୍ଜଳୀ ତା'ର ସବୁ । ପିଲାଦିନରୁ ତା' ପ୍ରତି ତାର କେତେ ସ୍ନେହ, କେତେ ମମତା । ଚାକିରି ଜୀବନର ଝଞ୍ଜାଳ ଭିତରେ ଅଞ୍ଜଳୀ ଯେତେବେଳେ ତା'ର ମନେ ପଡେ, ସବୁ ଝଞ୍ଜାଳ ସେ ଭୁଲିଯାଏ । ଘରକୁ ଆସିଲେ, ତାକୁ ଟିକିଏ ନ ଦେଖିଲେ ମନଟା ଥିର ହୋଇ ରହେନା । ଘରକୁ ଆସିଲେ, ବସ୍ ଆଉ ଟ୍ରେନର ଗତି ଭିତରେ ସେ ଭାବେ ତା'ର କଥା । ସେଇ ଅଞ୍ଜଳୀର କଥା । ତେଣୁ ତା' ବିବାହର କଥା ଶୁଣିବାକୁ ତା'ର କିପରି ଧୈର୍ଯ୍ୟ ରହିବ ?

## —ତେଏର—

ଦେବେନ୍ଦ୍ର କହିଲା—'ବ୍ୟସ୍ତ ହୁଅନା ଅଂଜଳୀ, ମନ ଯାହା ହୁଁ ଥିବ, ସେଇଆ ହେବ । ଆସୁ ବିବାହ ପ୍ରସ୍ତାବ, ଯେତେ ଆସୁଛି ଆସୁ; ବୋଉ ତତେ ବାଷ୍ଟପ୍ ପଚାରିବ । ତୋ ମତାମତ ଲୋଡ଼ିବ । ତୋ ମତ ଲୋଡ଼ା ହେଲେ, ତୁ ତ ମନା କରିବୁ । ଚିନ୍ତା କ'ଣ ?'

ଅଂଜଳୀ କହେ'—ତମକୁ ବୋଉ ଡାକିବ । ଭଲ ମନ୍ଦ ପଚାରିବ । ସବୁ କିଛି ଶୁଣି ମନକୁ ଭାର ଗଲେ ହୁଏତ ସେ ଜବାବ ଦେବ ।'

ଏଇମିତି ଦିନ ଯାଏ ।

ଦେବେନ୍ଦ୍ରର ବିବାହ ପ୍ରସ୍ତାବ ପଡୁଛି ।

ବାପା, ବୋଉ ତାକୁ ବିବ୍ରତ କରୁଛନ୍ତି । ଘରକୁ ସେ ଆସିଲେ, କେତେ ଘରକର ଦେଖା ଆସନ୍ତି । ତାକୁ ଦେଖିବା ପାଇଁ ଡାକନ୍ତି, ଦେଖନ୍ତି, ଚେହେରାରେ ତା'ର ସନ୍ତୁଷ୍ଟ ହୁଅନ୍ତି । ଯାମା ପୌତୁକ ଦିବା ପାଇଁ ପ୍ରତିଶ୍ରୁତି ଦିଅନ୍ତି ।

ବାପା ଡାକନ୍ତି — ଦେବ, ମୁଁ ଜବାବ୍ ଦେବି । ତୁ ଯଦି କହିବୁ ଘର ପାଇଁ ଭଦ୍ରଲୋକଙ୍କୁ ଜବାବ୍ ଦେବି; ନହେଲେ ଆଉ ବି କାହିଁକି ?'

ଦେବେନ୍ଦ୍ର କିଛି କହେନା । ବାପାଙ୍କ ପାଖରେ ସେ କିଛି ପାରେନା । ବୋଉ ପାଖରେ ଆସି କହେ, 'ମନା କର ବାପାଙ୍କୁ, ଘର ଏବର୍ଷ ହେବ ନାହିଁ ।'

ଏଇମିତି ଦିନଯାଏ ।

ଦେବେନ୍ଦ୍ରର ମନରେ ଅଂଜଳୀକୁ ନେଇ ଝରଣା ବହେ କୁଳୁ କୁଳୁ ନାଦରେ ମନର ଝରଣା ବହି ଗ୍ଲଲେ । ସେଇ ସୁଅର ମୃଦୁ ଭିତରେ କେତେ ଆଶା, କେତେ କଳ୍ପନା ଆଉ କେତେ ସ୍ୱପ୍ନ ଭାସି ଭାସି ଗ୍ଲଲେ । ସେ ପୁଲକିତ ହୁଏ । ଭବିଷ୍ୟତର ରଙ୍ଗିନ୍ ସ୍ୱପ୍ନ ମନରେ ତା'ର ଚହଲି ଉଠେ ।

ସେଥର ଛୁଟି ସରିନ । ଅଂଜଳୀର ବୋଉ ତାକୁ ଡକାଇ ପଠାଇଲେ । ସେ ଗଲା । କେତେ କଥାବାର୍ତ୍ତା ଚହଲା । ସେଇ କଥାବାର୍ତ୍ତା ଭିତରେ ଅଂଜଳୀର ବୋଉ ପଗ୍ଚରିଲା—'ଦେବ, ଅଂଜଳୀ ପାଇଁ କେଉଁଠି ପାତ୍ରଟିଏ ବୁଝିଲନା ? ବାପା ନାହିଁ, ଭାଇ ନାହିଁ, ତା'ର ତମେ ସବୁ ଅଛ । ଟିକିଏ ଚେଷ୍ଟା କର ।'

ଦେବେନ୍ଦ୍ର କହିଲା—'କେଉଁ କଥା କହୁଛ ମାଉସୀ ? ଅଂଜଳୀର ବାହାଘର କଥା ତ ! ତମେ ଏତେ ବ୍ୟସ୍ତ କାହିଁକି ହେଉଛ ? ସେ ତ ବୁଢ଼ୀ ହୋଇଯାଇନ । ଦେଖୁନ, ଆମରି ଗାଁ ର ତା'ଠାରୁ ଯେଉଁମାନେ ବୟସରେ ଗ୍ଲରି ପାଞ୍ଚବର୍ଷ ବଡ଼, ସେମାନେ ବାହା ହୋଇ ନାହାନ୍ତି । ବେଳ ଯେତେବେଳେ ଆସିବ, ଆମେ ଖୋଜିବୁନି କି ?'

ତା' ବୋଉ କହେ—'ହଇଁ, ଅଜାଡ଼ି ଚେଷ୍ଟା କର । ଅସନ୍ତା ଫଗୁଣକୁ ଆଉ ଘରେ ତାକୁ ରଖିବିନି ।

ଦେବେନ୍ଦ୍ର ଶୁଣେ । ମନ ଭିତରଟା ତା'ର ଆଉଟି ପାଉଟି ହୁଏ । ମନ ହୁଏ ତା'ର ସଫା ସଫା ତା' ବୋଉକୁ କହିବ କହିବ—ମାଉସୀ ତମ ଅଂଜଳୀ ପାଇଁ ମୁଁ କ'ଣ ଉପଯୁକ୍ତ ବର ନୁହେଁ ? ମତେ ପାଇ ତମ ଅଂଜଳୀ କ'ଣ ସୁଖୀ ହୋଇ ପାରିବନି ! ହେଲେ ମନ କଥା ତା'ର ମନରେ ମରେ; ସେ କିଛି କହିପାରେନା

—ପନ୍ଦର—

ଦେବେନ୍ଦ୍ର ଆଉ ଅଂଜଳୀର ବୋଉ କଥାବାର୍ତ୍ତା ହେଉଥିଲା । ବେଳେ ସେ ଦାଣ୍ଡଘରେ ରହି ସବୁ ଶୁଣେ । ଅଂଜଳୀର ମନରେ ବିବାହର ପ୍ରସ୍ତାବ ଚମକ ସୃଷ୍ଟି କରେ । ସେଇ ଶିହେଠା ମନ ପ୍ରାଣରେ ତା'ର ଦେହରେ ଏକ କୁହୁକ ଲଗାଏ ।

ଦେବେନ୍ଦ୍ରର ଉତ୍ତର ସେ ଶୁଣେ । ମନେ ମନେ ଟିକିଏ ଚିଡ଼ି ଉଠେ ସେ । ଭାବେ, ଦେବ ଭାଇ କେଡ଼େ ସ୍ୱାର୍ଥପର ! ବିବାହ ପ୍ରସ୍ତାବ ବୋଉ ପକାଇଲା ବେଳକୁ ସେ କହୁଛନ୍ତି ଯେ, ଅଂଜଳୀ କ'ଣ ବୁଢ଼ୀ ହୋଇ ଯାଉଛି !

ସେ ପୁଣି ଭାବେ—ବୋଉ କହୁଥିଲା, କେଉଁ ସୁରଜିତ୍ ବାବୁ, ବନାରସ୍‌ରେ ଇଂଜିନିୟରିଂ ପଢୁଛନ୍ତି ।

ସେ ପୁଣି କହୁଥିଲା, ମନୋଜବାବୁ – ମେଡିକାଲ୍ କଲେଜରେ କୁଆଡ଼େ ପଢ଼ନ୍ତି । ପୁଣି ଦିନେ କହୁଥିଲା, କେଉଁ ସୁରେନ୍ଦ୍ରବାବୁ, କଟକରେ କେଉଁ ବିଭାଗରେ ସରକାରୀ ଚାକିରି କରିଛନ୍ତି । ଅଂଜଳୀର ମନ ଘାଣ୍ଟି ଚକିତ ହୁଏ । ବୋଉ ମୁହଁରୁ ଶୁଣିଥିବା ଏଇ କେଇଟି ନାମର ରୂପ ତା' ଆଖି ଆଗରେ ଭାସି ଉଠେ । ପ୍ରତି ନାଆଁର ପଛରେ ଜଣେ ଜଣେ ତା' ଆଖି ଆଗରେ ଦେଖା ଦିଅନ୍ତି । ତା' ଭିତରୁ କିଏ, କି ଭାବରେ ତାକୁ ଦିଶେ, ସେ ଅନୁଭବ କରି ପାରେନି । ମନ ଭିତରେ କେବଳ ଯାହା ଏକ ଉଷ୍ମ ଉତ୍ତାପ ସେ ପାଏ ।

ଆଉ ଦେବ ଭାଇ ? ଆହା ; ବିଚରା ଦେବଭାଇ ! ପିଲାଦିନରୁ ତା' ସାଙ୍ଗ । ବୋଉ ମୁହଁରୁ ସେଇ ସବୁ ବାବୁଙ୍କର ନାଁ ଶୁଣିଲା ଦିନଠାରୁ ଦେବଭାଇ ଯେମିତି ଦୂରକୁ ଦୂରକୁ ଅପସରି ଯାଉଛନ୍ତି । ଆଜି ଏଇ ଅଦେଖା ଅଜଣା ବାବୁମାନେ କେତେ ରଙ୍ଗରେ, କେତେ ଢଙ୍ଗରେ, ରୂପର ପସରା ମେଲି ତା' ଆଖି ଆଗରେ ନାଚି ଯାଉଛନ୍ତି । ମନ ଭିତରେ ତା'ର ହାବୁକା ଉଠୁଛି ।

## —ଷୋହଳ—

ଛୁଟି ସରିଲେ ଦେବେନ୍ଦ୍ର ତା’ ଚାକିରି କ୍ଷେତ୍ରକୁ ଫେରିଯାଏ । ଫେରିଲାବେଳେ, ମନ ଭିତରେ କେତେ ସପନ ତା’ର ଭସାମେଘ ପରି ଭାସି ଉଠେ । ସେଇ ଭସା ମେଘ ଭିତରୁ ଅଂଜଳୀ ତାକୁ ଦେଖା ଦିଏ । ଅଂଜଳୀର ସ୍ନେହ ସ୍ମୃତି ମନକୁ ତା’ର ଓଦା କରେ । ସେ ଫେରିଯାଏ ।

ସୁରେନ୍ଦ୍ର ବି: ଏ: ପାଶ୍ କରି ସାରିଛନ୍ତି । ଏବେ ସରକାରଙ୍କ କେଉଁ ଏକ ବିଭାଗରେ ଚାକିରି କରୁଛନ୍ତି ।

ଏଇ ଚାକିରି କରିବାର ତା’ର ଛଅ ମାସ ହୋଇଗଲାଣି । ପାଠ ପଢୁଥିଲା ବେଳେ ଗାଁକୁ ଆସି ଗାଁର ଉନ୍ନତିମୂଳକ କାମରେ ଯେପରି ଅଂଶ ଗ୍ରହଣ କରୁଥିଲା, ଚାକିରି କରିବା ପରେ ସେ ଅବଶ୍ୟ ସେଥିରୁ ସଂପୂର୍ଣ୍ଣ ନିବୃତ୍ତ ହୋଇନି; ତଥାପି ଯେତେବେଳେ ଛୁଟି ନେଇ ଆସେ, ଗାଁର ଉନ୍ନତି ପାଇଁ ଚିନ୍ତା କରେ । ଗାଁ ଲୋକଙ୍କୁ ଉତ୍ସାହ ଦିଏ । ହେଲେ ପୂର୍ବପରି ତା’ ନାମ ଆଉ ଚାଲି ପାରୁନି । ଗାଁ ସଂଗଠନ ବହୁ ଅଂଶରେ ମନ୍ଦା ପଡ଼ିଯାଇଛି ।

ପଢୁଥିଲା ବେଳେ, ଶେଫାଳୀ ପାଖକୁ ଯେପରି ସ୍ୱାଭିମତ ଚିଠି ଲେଖୁଥିଲା, ଚାକିରି କଲା ପରେ ସେଇମିତି ବି ଲେଖୁଛନ୍ତି, ନୂଆ ନୂଆ ବହି ବାହାରିଲେ ତା’ ପାଖକୁ ପଠାଉଛନ୍ତି । ଯେଉଁ ପତ୍ରିକାରେ ତା’ କବିତା ବାହାରେ, ତାକୁ ପଢ଼ି ସେ ମନ୍ତବ୍ୟ ଲେଖୁଛନ୍ତି । ଦିନ ଯାଉଛି ।

ଥରେ । ସୁରେନ୍ଦ୍ର ଆସିଛନ୍ତି ଘରକୁ ସେଦିନ ହୋଇଥାଏ ଦୋଳ ପୂର୍ଣ୍ଣିମା । ସେ ତାଙ୍କ ଦାଣ୍ଡଘରେ ବସି ବହି ଖଣ୍ଡେ କ’ଣ ପଢୁଥିଲା ।

ଦିନ ବୋଧହୁଏ ଦଶଟା ହେବ । ବାହାରେ ଫଗୁଣର ଅଳପ ଅଳପ ହୁଙ୍ଗୁଳା ଖରା— ତା' ବୋଉ ଆସିଲା । ପାଖରେ । ବସିଲା ସୁରେନ୍ଦ୍ର ବହି ଟିକେ ବୋଉକୁ ଚାହିଁଲା । ପୁଣି ବହି ପଢିବାରେ ଲାଗିଲା । ତା' ବୋଉ କହିଲା--ସୁରୁ, କଥାଟିଏ କହିବି ମାନିବୁ ? ତୁ କାହିଁକି ଅବୁଝା ହେଉଛୁ କହିଲୁ ? ଏଇ ଗାଁରେ ଫି'ବରଷ କେତେ ପୁଅ ଝିଅଙ୍କର ବାହାଘର ନ ହେଉଛି ! ବାହାଘର ବେଳେ ଯେଉଁ ଢୋଲ ମହୁରୀ ଆଉ ଶଙ୍ଖ ବାଜେ, ମୁଁ ସବୁ ଶୁଣେ । ମୋ ଛାତି କରତ ହୋଇଯାଏ । ତୁ କାହିଁକି ଅମଙ୍ଗ ହେଉ କହିଲୁ ?

ସୁରେନ୍ଦ୍ର ବହି ବନ୍ଦ କରି ତା' ବୋଉ ଆଡ଼କୁ ଚାହିଁଲା । ଦେଖିଲା, ବୋଉ ଆଖି ଲୁହରେ ଛଳ ଛଳ । କଣ୍ଠ ତା'ର ରୁନ୍ଧ । ଲୁଗା କାନିରେ ସେଇ ଲୁହକୁ ପୋଛିବାକୁ ସେ ଆରମ୍ଭ କରୁଛି । ସେ ଚାହିଁଛି ସେଇ ଆଡ଼କୁ ।

ସେ ଭାବିଲା, କେଉଁ ଦିନେ ତ ବୋଉ ତା' ପାଖକୁ ଆସି ଇମିତ କହି ନଥିଲା ? ଆଖିରୁ ଲୁହ ପୋଛି ନ ଥିଲା ? ବିବାହ ପ୍ରସ୍ତାବ ଆସିଲେ, ସେ ଅନେକ ଥର ମନା କରେ । ବୋଉ 'ପାଗଳାଟା' ବୋଲି କହେ । ଆଜି କାହିଁକି ଗାଁରେ କା'ର ବାହାଘରର ଢୋଲ ମହୁରୀର ଉଦାହରଣ ଦେଇ, କଥା କହିପାରୁନି ? ଲୁହ ଢାଳୁଛି ?

କହିଲା— ବୋଉ, ତୁ କାନ୍ଦୁଛୁ କାହିଁକି କହିଲୁ ? ପୁଅ ହୋଇଛି । ମୁଁ କ'ଣ ଆଉ ଅଭିଆଡ଼ା ରହିବି ! ବାହା ହେବି, ସଂସାର କରିବି । ତୁ ନାତି ନାତୁଣୀ ଦେଖିବୁ । ଖୁସି ହେବୁ । କିନ୍ତୁ ଆଉ ବରଷେ, ଯାଉ ଦୁଇ ବରଷ । ବାହା ହେବା ପାଇଁ କେଉଁ କଥା ତ ଅଟକି ରହିନି !

ବୋଉ ମନ ତା'ର ପୁଲକି ଉଠିଲା । ଦୁନିଆଁ ଯାକର ମା' ମନ ପୁଅର ଆଶା ଭରସାରେ ଯେମିତି ଆନନ୍ଦରେ ଫାଟିପଡ଼େ,

ସୁରେନ୍ଦ୍ର ବୋଉର ମନ ସେଇମିତ ଫାଟି ପଡ଼ିଲା । ଦୁଇ ଆଖିରୁ ସବୁ ଲୁହକୁ ଲୁଗାକାନିରେ ପୋଛି, କହିଲା—ଦୁଇଟି ଯାଗାରୁ ପ୍ରସ୍ତାବ ଆସିଛି । ଗୋଟିଏ ଆସିଛି କଲ୍ୟାଣପୁରରୁ, ଆଉ ଗୋଟିଏ ଆସିଛି ଶ୍ରୀନବାଳରୁ । ତୋ ବାପା ଆଉ ମୁଁ କାଲି ତୋ ବାହାଘର ନେଇ କେତେ କଥାବାର୍ତ୍ତା ହେଲୁ । ସେ କଲ୍ୟାଣପୁରରେ ସମ୍ବନ୍ଧ କରିବାକୁ ଭାରି ଇଚ୍ଛୁକ । ଭଲ ଝିଅଟିଏ କାଲେ । ବାପ ତା'ର ନାହିଁ । ମା ଅଛି । ଖାନ୍‌ଦାନୀ ବୁନିଆଦ ଘର । ବହୁତ ଜମି ଅଛି । ସେଠି ଆମର ସମ୍ବନ୍ଧ ହୋଇଗଲେ, ସେଇ ସବୁ ସମ୍ପତ୍ତି-ବାଡ଼ି ତମେ ବୁଝିବ, ଶାଶୁ ଅନ୍ତେ ତୁ ତ ଭୋଗ ଦଖଲ କରିବୁ ତାକୁ ।

ସୁରେନ୍ଦ୍ର ତା' ବୋଉର କଥାଗୁଡ଼ାକ ସବୁ ଶୁଣିଲା । ଏଇ ଶୁଣୁଥିବା ଭିତରେ ମନ ଭିତରେ ନାଚି ଉଠିଲା ଶେଫାଳୀର ରୂପ, ଶେଫାଳୀର କଥା । ଶେଫାଳୀ ବହୁ ଦୂରରେ ନାହିଁ, ସେଇ ଗାଆଁରେ ତା' ଘର । ଆଉ ଅଧଘଣ୍ଟା ପରେ ପୁଣି ସେ ଦେଖାହେବ ମନ ତଳର କେତେ ମଧୁକଥା ସେ ପରଶିଦେବ । ଶେଫାଳୀ କେତେ ଥର ଏଇ ବିବାହ ପ୍ରସ୍ତାବ ତା' ପାଖରେ ପକାଇଛି । ସେ କଥାଟାକୁ ବରାବର ହାଲକା ଭାବରେ ନେଇଛି । ଜମାରୁ ଗୁରୁତ୍ୱ ଦେଇନି । ଆଜି ସେ ସେଇ ବିବାହକଥା ତା' ବୋଉ ମୁହଁରୁ ଶୁଣୁଛି । ସେଥିପାଇଁ ବୋଉ ତା'ର କାନ୍ଦୁଛି ।

ଭାବିଲା, କହିଦେବ, ମୁଁ ଶେଫାଳୀ ଛଡ଼ା ଆଉ କାହାକୁ ବାହା ହେବନି ବୋଉ; ସେ ମୋ ମନ ଭିତରର ମଣିଷ ହୋଇ ରହିଛି । ତାକୁ ବୋହୂ ରୂପେ ତୁ ପାଇଲେ ଭାରି ସୁଖୀ ହେବୁ ... ହେଲେ କହି ପାରିଲାନି । ଗାଁରେ, ଘରେ କେହି ଜାଣିନାହାନ୍ତି ଶେଫାଳୀ ଆଉ ସୁରେନ୍ଦ୍ରର ସମ୍ପର୍କ । ବୋଉ ଜାଣେନି, ବାପା

ଜାଣିବେ କେମିତି ? ତେଣୁ ଆଜି ଯଦି ବୋଉ ପାଖରେ ଏତିକି ସେ କହିଦେବ, ସେ ବାପାଙ୍କୁ କହିବ । ବାପା ଶୁଣିଲେ ଧାରଣା ନିଶ୍ଚୟ ଖରାପ କରିବେ । ତାଙ୍କୁ ଯେତେ ସ୍ନେହ, ଶ୍ରଦ୍ଧା କରୁଛନ୍ତି, ସେ ହୁଏତ ଅନ୍ୟ ଆକାର ଧାରଣ କରିବ । ନାଁ, ସେ କହିବ ନାହିଁ ।

କହିଲା — ବୋଉ, ତୁ ବ୍ୟସ୍ତ କାହିଁକି ହେଉଛୁ ? ତୋ ଭାଗ୍ୟରେ ଯିଏ ତ ଗୁହଳ ପକାଇଥିବ, ସେ ଆସିବ । ଆଉ ଖାଲି ପ୍ରସ୍ତାବଟା ଉପରେ ଘାଣ୍ଟି ଚକଟି ହେଲେ, ଲାଭଟା କ'ଣ ହେବ କହିଲୁ ?

ବୋଉ ଫେରିଗଲା ଘର ଭିତରକୁ । ମନ ଭିତରେ ତା'ର ଆଶ୍ୱାସନାର ଜୁଆର ମାଡିଲା । ଘର କାମରେ ଲାଗିଗଲା ପୁଣି ସେ ।

ସେଇଦିନ ସଂଧ୍ୟାବେଳ ।

ସୁରେନ୍ଦ୍ର ଆଉ ଶେଫାଳୀର ଦେଖା ।

ଆକାଶରେ ହୋଇଲା ପୂର୍ଣ୍ଣିମାର ଜହ୍ନ । ଆକାଶର ନୀଳ ଗାଲିଚାରେ ଅସୁମାରି ତାରାର ସଭା । ମହାଦେବ ମଣ୍ଡପରେ ବଉଳ ଗଛର ପତର ଗହଳି ଦେଇ କୁଢ଼େଇ ହୋଇ ଝଡ଼ୁଛି ମେଞ୍ଚା ମେଞ୍ଚା ଜୋଛନା । ସୁରେନ୍ଦ୍ର ଆଉ ଶେଫାଳୀ ସେଇ ମଣ୍ଡପରେ ବସିଛନ୍ତି । ଥିର ଥିର ପବନ ପିଟୁଛି ।

ସୁରେନ୍ଦ୍ର କହିଲା—ଶେଫି, ମୋ ବାହାଘର ପାଇଁ ବୋଉ ମତେ ବ୍ୟସ୍ତ କଲଣି । ଆଜି ଖାଇବାବେଳେ ମୋ ପାଖରେ ବସି ସେ କେତେକଥା ଲୁହ ଛଳଛଳ ଆଖିରେ କହି ପକାଇଲା । ବହୁତ ବୁଝାଇ ଶୁଝାଇ ମୁଁ ତାକୁ ବିଦା କଲିଛି । ଯା'ହେଉ ବର୍ତ୍ତମାନ ମୋ କଥା ବୁଝି ପାରି ଘର କାମରେ ଲାଗିଛି ।

ଶେଫାଳୀ କହିଲା—ସୁରୁ ଭାଇ, ଆଜିକାଲି ଦେଖିଲଣି ବାପା, ବୋଉ ଯେଉଁଠି ବସୁଛନ୍ତି, ଖାଲି ମୋର ବାହାଘର କଥା ପକାଉଛନ୍ତି ।

କୋଉଁଏ—

କେଉଁଠି କାହା ବାପ ଅମୁକ ହୋଇଛନ୍ତି, କା' ପୁଅ ଅମୁକ ଚାକିରି କରନ୍ତି, ଜମି ଏତେ ଅଛି, ବ୍ୟବସାୟ ଅମୁକ ଯାଗାରେ ଭଲ ଚାଲିଛି-- ଇତ୍ୟାଦି ଇତ୍ୟାଦି ଚାଲୁଛି । ବାପାଙ୍କ କଥାବାର୍ତ୍ତାରୁ ଯାହା ଜାଣିଲିଣି, ସେ ଏଇ ବର୍ଷ ବାହାଘର କରିଦେବା ପାଇଁ ଏକାନ୍ତ ଇଚ୍ଛୁକ ।

ସୁରେନ୍ଦ୍ର କହିଲା—ତା'ହେଲେ ତୋର କ'ଣ ଇଚ୍ଛା ? ତୁ ତୋ ବାପାବୋଉଙ୍କୁ ସିଧା ସଳଖ କହି ପାରିବୁ ? ତୁ ଯଦି କହୁ, ମୁଁ ତା' ହେଲେ ମୋ ବାପା ବୋଉଙ୍କ ପାଖରେ କହିବି । ତେଣିକି ସେମାନେ ଯାହା ଭବନ୍ତୁ—

ଶେଫାଳୀ କହିଲା—କେମିତି କହିବି କହିଲ ସୁର ଭାଇ ? ଗୋଟିଏ ବୋଲି ଝିଅ ତାଙ୍କର ମୁଁ । କେତେ ସ୍ନେହ ଶ୍ରଦ୍ଧା ସେମାନେ ମତେ କରନ୍ତି । ମନ ମୋର ଟିକିଏ ଦୁଃଖ ହେଲେ, ଦୁହେଁ ଯାକ ଖାଆନ୍ତି ନାହିଁ, ଜର ବାଧକା ମତେ ଟିକିଏ ହେଲେ, ରାତି ରାତି ବସି ସେମାନେ ଉଜାଗର ହୁଅନ୍ତି । ମୋ ସୁଖ ପାଇଁ, ମୋର ସୁନାର ଭବିଷ୍ୟତ ପାଇଁ ସେମାନେ ଚେଷ୍ଟା କରନ୍ତି । ମୁଁ ଯଦି ମୋ ମନକଥା ତାଙ୍କର ଆଗେ ବାଢ଼ିଦିଏ, ତା' ହେଲେ ସେମାନେ କଷ୍ଟ ଭାବିବେ ନାହିଁ ତ ? ହଁ, ଭାବିବେ । ମୋତେ ବିବାହ କରିଦେଇ କନ୍ୟାଦାୟିତ୍ୱରୁ ସେମାନେ ମୁକ୍ତ ହେବାକୁ ଚାହାଁନ୍ତି । ସେମାନେ ଭଲ ବର, ଘର ଖୋଜୁଛନ୍ତି, ଯାହାକୁ ପାଇ ମୋ ଜୀବନ ସୁଖମୟ ହୋଇ ଉଠିବ, ସେଇମିତି ପାତ୍ରଟିଏ ଖୋଜୁଛନ୍ତି । ମୁଁ ଯଦି ମୋର ସୁନାର ଭବିଷ୍ୟତ ପାଇଁ ମୁଁ ନିଜେ ନିଜେ ତାଙ୍କର ଆଗେ ପ୍ରସ୍ତାବଟି ଉଠାଇ ବସିବି, ତା' ହେଲେ ବାପା ବୋଉ ଭାବିବେ, ଝିଅଟା ତାଙ୍କର ଅବାଧ୍ୟ, ମୁରବୀହୀନ, ଭିତରେ ଭିତରେ କାହାକୁ ଭଲପାଇ ଜବାବ ଦେଇଛି । ଆଜି ଲଜ୍ଜା ସରମ ମୁହଁରୁ ଛଡ଼େଇ ଦେଇ ସେମାନଙ୍କ ଆଗରେ କହୁଛି । ତା'ହେଲେ, ସୁର ଭାଇ—ମୁଁ କେମିତି କହିବି କହିଲ ?

ତମେ ଆଗେ ତମ ବାପାବୋଉଙ୍କ ପାଖେ କହ । ବଲେ କଥାଟା ମୋ ବାପା ବୋଉଙ୍କ କାନକୁ ଯିବ ।

ସୁରେନ୍ଦ୍ର କହିଲା—ଶେଫି, ମୁଁ କେମିତି ଆଗ କହିବି କହିଲୁ ? ମୋର ଯଦି କହିବାର ଥାଆନ୍ତା, ତା'ହେଲେ ଏତେଦିନ ଧରି ମୁଁ ଆଉ ଅପେକ୍ଷା କରି ନଥାନ୍ତି । ମୋ ଉପରେ ସେମାନେ ଯେଉଁ ଧାରଣା ନେଇଛନ୍ତି, ସେଇ ଧାରଣା ହୁଏତ ବଦଳି ଯିବ ।

ଏତକ କହି ସୁରେନ୍ଦ୍ର ନୀରବ ରହିଲା । ଦୁହେଁ ଏଇମିତି କିଛିକାଳ ନୀରବରେ ବସିଲେ । ଆକାଶରେ ଜହ୍ନ ଯାହା ହସୁଥାଏ ।

ସେଦିନ ଆଉ କେହି କାହାକୁ କିଛି କହିଲେନି । ଦୁହେଁ ଉଠିଲେ, ନିଜ ନିଜ ଘରକୁ ଗଲେ । ଦୁହିଁଙ୍କର ମନ ଭିତରେ ଘୁରେଇ ବୁଲେଇ କେତେ ପ୍ରଶ୍ନବାଚକ ଚିହ୍ନ ଉଠୁଥାଏ । ମନ ଭିତରେ ସମାଧାନର ବାଟ ସେମାନେ ଖୋଜି ପାଉ ନଥାନ୍ତି ।

ଶେଫାଳୀର ବିବାହ ପ୍ରସ୍ତାବ ପଡ଼ିଛି ।

ବାପା ବୋଉ ତା'ର କେତେଆଡ଼ୁ କେତେ ବରପାତ୍ରର ସନ୍ଧାନ ନେଉଛନ୍ତି । ବାପା ଆଉ ବୋଉ ଦୁହେଁଯାକ ଏକାଠି ବସି ତାହାଘର ବିଷୟ କଥାବାର୍ତ୍ତା ହେଲାବେଳେ । ଛପି ଛପି ଶେଫାଳି ଶୁଣୁଛି ।

ଛପି ଛପି ଶୁଣୁଥିଲା ବେଳେ ତା'ର ଇଚ୍ଛାହୁଏ ଦଉଡ଼ି ଆସି କହି ପକାନ୍ତା ବାପା ବୋଉଙ୍କ ଆଗରେ—ମୋ ପାଇଁ ତମେ ଦୁହେଁ ଏତେ ଚିନ୍ତା କରନି । ତମେ ତ ମୋର ମଙ୍ଗଳପାଇଁ ଯୋଗ୍ୟ ବର, ଆଉ ଘର ଖୋଜୁଛ, କହିଲ ଦେଖେ, ସୁରଭାଇ କ'ଣ ମୋର

ଯୋଗ୍ୟ ବର ନୁହେଁ ? ତାଙ୍କୁ ପାଇ ଜୀବନ ମୋର କ'ଣ ହସି-ଉଠିବନି ? ମନଭିତରର ସାହସ ତା'ର ଅଟୁଟନି । ସେଇମିତି ଛପି ଛପି ଯାହା ଶୁଣେ ।

ଏବେ ଏଇ ବିବାହ ପ୍ରସ୍ତାବ ତା'ର ଘନେଇ ଉଠିଲା ଦିନୁ, ମନ ଭିତରେ ତା'ର ଆନ୍ଦୋଳନ ସୃଷ୍ଟି ହେଉଛି । ବାହାଘର, ବର. ଆଃ—ମନରେ ତା'ର ଅହେତୁକୀ ଏକ ଉମଙ୍ଗ ସୃଷ୍ଟି କରୁଛି । ସୁମନ୍ତ, ଶୁଭକାନ୍ତ ଆଉ ରଜନୀକାନ୍ତଙ୍କର ନାମଗୁଡ଼ିକ ଶୁଣି ଶୁଣି ମନର ଦରିଆରେ ତା'ର ଢେଉ ଉଠୁଛି । ଯେତେବେଳେ ସେଇ ଦରିଆର କେଉଁ ଅଥଳ ଜଳରେ ସୁରେନ୍ଦ୍ରର ମୂର୍ତ୍ତି ବୁଡ଼ି ବୁଡ଼ି ଯାଉଛି ।

ଫାଲ୍ଗୁନ ମାସ, ବାପା ବୋଉ ତା'ର ଦୁହେଁ ଘର ଅଗଣାରେ ବସି କଥାବାର୍ତ୍ତା ହେଉଛନ୍ତି । ବାପା ତା'ର କହିଲେ – ଶୁଣିଲ ଶେଫାଳି ବୋଉ, ପୁଅଟି ଭୁବନେଶ୍ୱରରେ ଚାକିରି କରୁଛି । ବେଶ୍ ଦି' ପଇସା କମାଉଛି । ଦେଖିବାକୁ ସୁନ୍ଦର । ଉପମା ଦେବାକୁ ତାଙ୍କୁ ଏଠି କେହି ନାହାନ୍ତି । ସେଇଥିକୁ, ବୁଝିଲ, ଆମେ ଆମର ଜୋଇଁ କରି ପାଇଲେ, ଶେଫାଳୀ ଆମର ସୁଖୀ ହେବ । ଆମେ ନିଶ୍ଚିନ୍ତରେ ଦିନ ନେବ ।

ଶେଫାଳୀ ବୋଉ କହିଲା—ମୋର ତ ଇଚ୍ଛା ସେଇଆ ! ପିଲାଟି ଦେଖିବାକୁ ମୋ ଝିଅ ଭଳି ସୁନ୍ଦର ହୋଇଥିବ । ଦି' ଅକ୍ଷର ଭଲ ପାଠ ପଢ଼ିଥିବ । ଚାକିରୀ କରିଥିବ । ବାପା, ମା ତା'ର ଥିବେ । ମୁଁ ତ ସେଇମିତି ଜୋଇଁ ଚାହେଁ ।

ତା' ବାପା କହିଲେ – ବୁଝିଲ, ତା' ବାପା ମା'ର ସେ ହେଉଛି ଗୋଟିଏ ବୋଲି ପୁଅ । ଜମିବାଡ଼ି ବେଶ୍ ଅଛି । ସେଇଠି ଜବାବ୍-ପାଠ ମୁଁ ଦେଇ ଦେବି ବୋଲି ଠିକ୍ କରିଛି । ପୁଅଟି ନାମ ଦେବେନ୍ଦ୍ର

—ତେଇଶ—

ଶେଫାଳୀ ବୋଉ କହିଲା—ତା' ହେଲେ ତ ଭଲ ହେଲା । ତମେ ଆଉ କେଉଁଠି ଆଖି ନ ପକାଇ ସେଇଠି ଜବାବ୍ ଦିଅ । ଝିଅ ମୋର ଶାନ୍ତିରେ ରହିବ ।

ଶେଫାଳୀ ଶୁଣୁଛି । କାନ ଭିତରଟା ତା'ର ଝାଇଁ ଝାଇଁ ହୋଇଯାଉଛି । ଭାବିଲା, ବାପା ଯଦି ସେଇଠି ଜବାବ୍ ଦେଇ ଦେବେ, ତା' ହେଲେ ଆସନ୍ତା ବୈଶାଖରେ ବାହାଘର ହୋଇଯିବ । ବାପା ବୋଉଙ୍କର କଥାବାର୍ତ୍ତାରୁ ଜଣା ପଡ଼ିଲାଣି ସେଇଠାରେ ସେ କରିବେ । ତା' ହେଲେ ସତରେ କ'ଣ ସେ ବାହା ହୋଇଯିବ ସେଇଠି ? ଆଉ ସୁର ଭାଇ ? ଜୀବନ-ଫୁଲର ପ୍ରେମ ସୁରଭିରେ ଯିଏ ଦିନେ ମୁଗ୍ଧ-ବିଭୋର ହୋଇଥିଲେ, ଯାହାଙ୍କୁ ନେଇ ସୁନାର ସଂସାର ଗଢ଼ିବ ବୋଲି ସେ ଭାବିଥିଲା, ସେ କ'ଣ ସବୁ ଭଣ୍ଡୁର ହୋଇଯିବ ? ସୁର ଭାଇ ! କଥାରେ ତାଙ୍କର ଭରି ରହିଛି କେତେ ସ୍ନେହ, କେତେ ଦରଦ । କେତେଥର, ତାଙ୍କର ଛାତି ଉପରେ ସେ ମଥା ରଖି ଶୋଇ ତେଜତେଜକା ଆକାଶର ଜହ୍ନକୁ କେତେ ସେ ଚାହିଁଛି । ତାଙ୍କ ଠାରୁ ଦୂରରେ ରହି ବି ଗାଢ଼ ଅନ୍ଧକାରରେ ତାଙ୍କର ସ୍ମୃତି ମନ ଭିତରେ ଖେଳାଉଛି । ମିଟି ମିଟି ତାରା ଭିତରୁ ସେ ଦେଖିଛି ସୁରଭାଇର ଶାନ୍ତ ଆଉ ସୌମ୍ୟ ରୂପ । କେମିତି ସେ ଅନ୍ୟ କେଉଁଠି ବାହା ହେବ ?

ଆଉ ସେ କିଛି ଭାବିପାରେନା । ଦିନେ ଦିନେ ସେ କାନ୍ଦେ । ନୀରବରେ କାନ୍ଦେ । ବୋଉ ତା'ର ଆସେ । ଆଖିରୁ ଲୁହ ପୋଛି ଦିଏ ।

ଶେଫାଳୀର ମନ ଆକୁଳ ବିକଳ ହୋଇ ଉଠୁଛି ।

ରାତିରେ ଶୋଇବାକୁ ଗଲା ବେଳେ ଆଖିକୁ ତା'ର ନିଦ ଆସୁନି । ବାହାଘର କଥା ଖାଲି ଭାବୁଛି । ଘର ଭିତରର ଅନ୍ଧକାର ଭିତରେ ଦୁଇ ଆଖି ମୁଦି ସେ ଭାବିଗଲେ କେତେ କଥା । ସୁରେନ୍ଦ୍ର

ଆଉ ଦେବେନ୍ଦ୍ର··· ଆଖି ଆଗରେ ତା'ର ଭାସି ଉଠନ୍ତି ସୌମ୍ୟରୂପ ନେଇ ।

ଦେବେନ୍ଦ୍ର, ବାପା ମା'ର ଗୋଟିଏ ବୋଲି ପୁଅ । ସୁନ୍ଦର ସ୍ୱାସ୍ଥ୍ୟ, ପୁଣି ଚାକିରୀ କରେ । ସେଇଆକୁ ବିବାହ କଲେ ସେ ହୁଏତ ସୁଖୀ ହୋଇ ପାରିବ । କ୍ଷତି କ'ଣ ? ବାପା ମାଆ ତ ଅଉ ଅନ୍ଧ ସାଜି ଅପାତ୍ରରେ ତାକୁ ଠେଲି ଦେଉ ନାହାନ୍ତି ! ନିଜ ଝିଅର ସୁଖ ସଂଭୋଗ ଦେଖିବା ପାଇଁ ସେମାନେ ତ ବିବାହର ଆୟୋଜନ କରୁଛନ୍ତି ! ଦେବେନ୍ଦ୍ରର ଅଦୃଶ୍ୟ ଦେହ ଆଉ ମୁହଁ ଶେଫାଳୀର ଆଖି ଆଗରେ ଭାସି ଉଠିଲା । ଦେହ ଆଉ ମନରେ ସତେ ଯେପରି ଅନନୁଭୂତ ଏକ କଂପନ ସେ ଅନୁଭବ କଲା ।

ପୁଣି ଭାବିଲା, ଦୂର ଛାଇ ! ଏକ ଅଦେଖା, ଅଚିହ୍ନା ଯୁବକର ସବୁ ଦୀପ୍ତି ଆଉ ସବୁ ଉଜ୍ଜ୍ୱଳତାକୁ ମଳିନ କରି ଭାସି ଉଠିଲା ସୁରେନ୍ଦ୍ରର ରୂପ । ରାତିର ଅନ୍ଧକାରରେ, ନିମିଳିତ ଆଖିପତାର କୋଣ ସେଇ ସୁନ୍ଦର ଦୀପ୍ତିରେ ସତେ ଯେପରି ଆଲୋକିତ ହୋଇ ଉଠିଲା ! ଶେଫାଳୀ ଉଠି ପଡିଲା ବିଛଣାରୁ ।

ଘରୁ ଧୀରେ ଉଠି ବାହାରକୁ ଆସିଲା । ଘରର ଅଗଣାରେ ବସିଲା । ଅନ୍ଧାର ରାତି, ନିଶା ଗଡ଼ୁଛି । ବାପା ବୋଉ ଶୋଇ ପଡ଼ିଛନ୍ତି । ଆକାଶରେ ତାରାଗୁଡ଼ା ବୁଣି ହୋଇ ପଡ଼ିଛନ୍ତି । ସେ ନୀରବରେ ମଠ ମଠ କରି ଚାହିଁ ରହିଲା ସେଇ ମିଟି ମିଟି ତାରାଗୁଡ଼ିକୁ । ସେଇ ମିଟି ମିଟି ତାରା ଭିତରେ ପୁଣି ତାକୁ ଦେଖା ଦେଲେ ସେଇ ଦୁଇଟି ଯୁବକ । ଜଣେ ଜଣାଶୁଣା—ଆଉ ଜଣେ ଅଜଣା, ଅଦେଖା । ସେଇ ଅସୁମାରି ବିଛୁଡ଼ି ହୋଇ ପଡ଼ିଥିବା ତାରା ଭିତରେ ସେମାନେ ସତେ ଯେପରି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେଇ ପ୍ରତିଦ୍ୱନ୍ଦ୍ୱିତାକୁ ସେ ନିରୀକ୍ଷଣ କରି ଚାହିଁଛି । ପ୍ରତିଦ୍ୱନ୍ଦ୍ୱିତାରେ

କେତେବେଳେ ସୁରେନ୍ଦ୍ର ବିଜେତାର ଗୌରବ ନେଉଛନ୍ତି, ଅବା ଆଉ କେତେବେଳେ ଦେବେନ୍ଦ୍ର ବି ବିଜେତାର ଗୌରବ ନେବାକୁ ଉଦ୍ୟମ ଆରମ୍ଭ କରୁଛନ୍ତି । ସେ କାହାରି ପ୍ରତି ସମଦର୍ଶୀ ହୋଇ ପାରୁନି ।

ସେ ବସି ଏଇମିତି ଭାବୁଛନ୍ତି—ଅଗଣା ଦେଇ ଫଡ଼ ଫଡ଼ କରି ଡେଣା ଝାଡ଼ି ଉଡ଼ିଗଲେ ବୋଧେ ପକ୍ଷେ ବାଦୁଡ଼ି । ମନ ଭିତରେ ତା'ର ଛନକା ପଶିଲା । ଡରି ଥରି ପୁଣି ଶୋଇବା ଘରକୁ ଆସିଲା । ଶୋଇବାକୁ ଚେଷ୍ଟା କଲା ।

ରାତି ସେଦିନ ଅନେକ ହୋଇ ଯାଇଥିଲା । ଏଇମିତି ଭାବୁ ଭାବୁ କେତେବେଳେ ତା'ର ଆଖିରେ ନିଦ ଭରି ଆସିଲା ।

ଅଞ୍ଜଳୀର ବିବାହ ପ୍ରସ୍ତାବ ପଡ଼ିଛି ।

ବୋଉ ତା'ର ସବୁ ଆୟୋଜନ କରୁଛନ୍ତି । ଯେକୌଣସି ଉପାୟରେ ହେଉ, ସେ ଅଞ୍ଜଳୀର ବିବାହ ସାରି ଦେବ, କନ୍ୟା ଦାୟରୁ ମୁକ୍ତ ପାଇବ ।

ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ ପଦରୁ ଇସ୍ତଫା ଦେ ଦେଇ ସାରିଲେଣି । ବିବାହ ପାଇଁ ଏବେ ଘରେ ରହୁଛନ୍ତି ।

ଦେବେନ୍ଦ୍ର ଘରକୁ ଆସିଛନ୍ତି । ଅଞ୍ଜଳୀର ବୋଉ ତାଙ୍କୁ ବାରମ୍ବାର ଡକାଇ ବାହାଘର ବିଷୟରେ କଥା ପକାଉଛନ୍ତି ।

ଦିନେ । ଅଞ୍ଜଳୀର ବୋଉ କହିଲେ—'ଦେବ, ଅଞ୍ଜଳୀ ପାଇଁ ତ ତମେ କେହି ଟିକେ ଖୋଜ ଖବର ନେଲନି । ମୁଁ ନିଜେ, ଯା ହେଉ, ଗୋଟିଏ ବରପାତ୍ରର ସଂଧାନ ନେଇଛି । ଭଲ ଘର,

ଭଲ ଘର । ବି. ଏ. ପଢ଼ିଛନ୍ତି । ଓକିଲାତି କରୁଛନ୍ତି । ବାପା ବି ତାଙ୍କର ଜଣେ ପ୍ରତିଷ୍ଠିତ ଲୋକ, ସେ ଅଞ୍ଚଳରେ ତାଙ୍କର ଭାରି ଖ୍ୟାତି ଅଛି । ପିଲାଟିର ନାମ ସୁରେନ୍ଦ୍ର । ଭଲ ହେବନି ?

ଦେବେନ୍ଦ୍ରର ମନ ଭିତରେ ଅସହାୟତ୍ୱ ଭାବ ନାଚି ଉଠୁଛି । ସୁରେନ୍ଦ୍ର ! ଭଲ ଘର ! ପୁଣି ବି.ଏ ପଢ଼ିଛନ୍ତି ! ମାନସିକ ଯନ୍ତ୍ରଣାରେ ଛଟପିଟ ହୋଇ ସେ ଉତ୍ତର ଦେଲା—ହଁ, ମାଉସୀ, ଝିଅ ତମର, ତା'ର ସୁଖ ସୁବିଧା ଅନୁସାରେ ଘର ଖୋଜିଛ, ବର ପାଇଛ. ଆଉ ଆମକୁ କାହିଁକି ପଚାରୁଛ ?

ଅଞ୍ଜଳୀ ବୋଉ ଉତ୍ତର ଦେଲେ—କ'ଣ କରିବି ବାପ ! ତମକୁ ଅନେକ ଦିନ ହେଲା କହିଲଣି, କେଉଁଠି ହେଲେ ଆଖି ପକାଇଲନି । କେତେଦିନ ଝିଅ-ଝିଅକୁ ଘରେ ରଖିବି ? ଯା' ହେଉ, ମୁଁ ଖୋଜୁଥିଲି ଯେମିତି, ଠିକ୍ ସେମିତି ଗୋଟିଏ ଜୁଟିଛନ୍ତି । ଏତେ ସମ୍ପତ୍ତି, ବାଡ଼ି ମୋର କ'ଣ ହେବ ? କେଉଁ ପୁଅ ଅଛି ଯେ ଆସି ଭୋଗ ଦଖଲ କରିବ ? ସେଇ ଅଞ୍ଜଳୀ ନାଆଁରେ ସବୁ କରି ଦେବି । ବାହାଘର ବେଳକୁ ଜମି କିଛି ବିକି ଦାନ ଯୌତୁକ କାମ ଚଳାଇ ଦେବି ।

ଦେବେନ୍ଦ୍ର କିଛି ଆଉ ଜବାବ ଦେଇ ପାରୁନି । କିନ୍ତୁ ସମସ୍ତ ଗୁମ୍ ହୋଇ ବସି କହିଲା—ହେଉ ମାଉସୀ, ବାହାଘର ବେଳେ ଡାକିବ । ଯେତିକି ଅନ୍ତତଃ ସାହାଯ୍ୟ କରିବାର କଥା, ସେତିକି ମୁଁ କରିବି । ଆଜି ଯାଉଛି ।

ଏତିକି କହି ଦେବେନ୍ଦ୍ର ଚାଲିଗଲା । ବାହାରେ ଫଗୁଣର ଖରା—ଦେବେନ୍ଦ୍ରର ମୁଣ୍ଡରେ ସତେ ଯେପରି ଆକାଶ ଛିଡ଼ି ପଡ଼ିଛି । ଭାବିଲା, ଆଜି ଅଞ୍ଜଳୀଠାରୁ ଶେଷ ବିଦାୟ ନେବ । ଯଦି ଅଞ୍ଜଳୀ

ଅନ୍ୟ ଜଣକୁ ବିବାହ କରି, ତା' ଜୀବନରେ ସବୁ ସୁଖ ସଂଭୋଗ ସେ ପାଇ ପାରିବ, ତାହେଲେ ତ'ର ମନା ନାହିଁ ।

ସେଇ ଦିନ ସନ୍ଧ୍ୟାବେଳ । ଅଞ୍ଜଳୀ ଘରେ ଅଛି । ବୋଉ ତା'ର ବାହାରକୁ ଯାଇଛି । ଦେବେନ୍ଦ୍ରର ମନରେ ଆବେଗର କଳାମେଘ ।

ଦେବେନ୍ଦ୍ରଙ୍କୁ ଦେଖି ଅଞ୍ଜଳୀ କହିଲା — ସଜ ପହରେ କୁଆଡେ଼ ଦେବଭାଇ ? ବୋଉ ବାହାରକୁ ଯାଇଛି । ବସ ।

ଦେବେନ୍ଦ୍ର କହିଲା — ଅଞ୍ଜଳୀ, ବାହାଘର ତୋର କେବେ ? ଜବାବ ପତ୍ର ସରିଲଣି ?

ଅଞ୍ଜଳୀ ଅଭିମାନ କଲା ପରି କହିଲା — ମୁଁ ତ କିଛି ଜାଣେନା ଦେବଭାଇ, ତମଠାରୁ ଯାହା ମୋ ବାହାଘର ବିଷୟରେ ମୁଁ ଖବର ପାଉଛି ।

ଦେବେନ୍ଦ୍ର କଣ୍ଠରେ ଆବେଗ ନେଇ, ଆଖିରେ ଲୁହ ଭରି କହିଲା — ସତ କରି କହ ଅଞ୍ଜଳୀ, ତୋର କ'ଣ ଇଚ୍ଛା ? ମତେ ଯଦି ମନା କରୁ, ମୁଁ ଟିକିଏ ହେଲେ ଦୁଃଖିତ ହେବିନି । ବରଂ ତୋତେ ଆଶୀର୍ବାଦ କରି ପେଠାଇବି ମୋ ଘରକୁ ।

ଅଞ୍ଜଳୀ କହିଲା — ସତ କରି କହୁଛି ଦେବଭାଇ, ବୋଉ ଏବେବେଳେ ମୋ ବାହାଘର ପାଇଁ ବ୍ୟସ୍ତ । ସେ କେଉଁ ଗାଆଁରେ କେଉଁ ସୁରେନ୍ଦ୍ରଙ୍କୁ ମୋ ବର ପାଇଁ ସେ ମନୋନୀତ କରିଛି । ସେଇଟି ମୋତେ ବାହା କରିଦେବା ପାଇଁ ସେ ଖୁବ୍ ଲାଗି ପଡ଼ିଛି । ତା' ଛଡ଼ା ମୁଁ ଆଉ କିଛି ଜାଣିନି ଦେବଭାଇ ।

ଦେବେନ୍ଦ୍ର କହିଲା — ମତେ ଭୁଲିଛୁ କି ନାଇଁ କହିଲୁ ? ଯଦି ମତେ ଭୁଲି ନାହୁଁ, ତା'ହେଲେ ସଫା ସଫା ତୋ ବୋଉକୁ କହ, ମୋ ବାହାଘର ପାଇଁ ସେଠି ଜବାବ୍ ଦେ'ନା । ଜବାବ୍ ଦେଇ ଦେଲେ ଅଞ୍ଜଳୀ, ସବୁ ସରିଯିବ । ତୁ ଯଦି ସ୍ୱେଚ୍ଛା ଭାବରେ

ମୋ ପାଇଁ ଚିନ୍ତା କରୁଥାଅ, ତା' ହେଲେ ଏତିକି ଅନୁରୋଧ କରୁଛି ଦେ। ନଚେତ ଅତୀତର ସବୁ ସ୍ୱପ୍ନ ସବୁ ଇଚ୍ଛା ପାଣିରେ ପଡ଼ିବ। ଆଜି ତୁ କେବଳ ମୋର ଜୀବନଭର ମାନସୀ ହୋଇ ରହିବୁ, ମତେ କନ୍ଦାଇ କନ୍ଦାଇ ମାରିବୁ।

ଅଞ୍ଜଳୀ କହିଲା—ଦେବଭାଇ, ମୁଁ କେମିତି କହିବି କହିଲ? ମୁଁ ଯଦି ତମର ପ୍ରସ୍ତାବ ତା' ଆଗରେ ରଖିବି, ମୋ ଉପରେ ସେ କି ଧାରଣା ନେବ କହିଲ? ତମେ କ'ଣ ଭାବୁଛ?

ଦେବେନ୍ଦ୍ର ଟିକିଏ ଉତ୍ତେଜିତ ହୋଇ କହିଲା—ତା' ହେଲେ ମୁଁ ଜାଣି ପାରୁଛି ଅଞ୍ଜଳୀ, ତୋର ବିବାହ ସେଇଠି ହେବାପାଇଁ ତୁ ତୋର ମତ ଦେଇଛୁ। ଅତୀତକୁ ମନରୁ ପ୍ରତାରିତ କରିଛୁ।

ତୁ ଜାଣିନୁ ଅଞ୍ଜଳୀ, କାହାପାଇଁ ମୁଁ ଏ ଯାଏଁ ଅବିବାହିତ ରହିଛି—କାହା ପାଇଁ ବାପା ଓ ବୋଉଙ୍କର ଜିଦ୍‌କୁ ମୁଁ ଏଡ଼ାଇ ଦେଇଛି—କାହା ପାଇଁ ପ୍ରତି ଛୁଟିରେ ସହରୀ ଭୂଇଁକୁ ଛାଡ଼ି ଦଉଡ଼ି ଆସେ ଗାଁ ମାଟିକୁ? ମତେ ଅନ୍ତତଃ ପରିଷ୍କାର କରି କହ ଅଞ୍ଜଳୀ, କ'ଣ ତୋର ଇଚ୍ଛା?

ଅଞ୍ଜଳୀ ଆଉ କିଛି କହି ପାରୁନି। ସେ ଯେତେ ଚେଷ୍ଟା କରୁଛି, ଦେବେନ୍ଦ୍ରକୁ ସାନ୍ତ୍ୱନା ଦେବାକୁ, ଦେଇ ପାରୁନି। ମନ ଭିତରର ଦମ୍ଭ ଓ ସାହସ ତା'ର ସତେ ଯେପରି ମରି ମରି ଆସୁଛି! ଦେବେନ୍ଦ୍ରର ଏ ଧରଣର ବିକଳିଆ ଢଙ୍ଗ ଦେଖି ସେ ବ୍ୟସ୍ତ ହୋଇ ପଡ଼ିଲା। କହିଲା—ଦେବଭାଇ, ତମେ କାହିଁକି ଇମିତି ହେଉଛ କହିଲ? ତମର ଏ ଧରଣର ଢଙ୍ଗ ତ କେବେ ହେଲେ ମୁଁ ଦେଖି ନ ଥିଲି? କିଏ କହିଲା, ମୁଁ ତମକୁ ପ୍ରତାରିତ କରିଛି? କିଏ କହିଲା, ମୁଁ ତମକୁ ଭୁଲିଛି? ମୁଁ ତମକୁ ଭୁଲିନି। ପ୍ରାଣ ଦେଇ ଭଲ ପାଉଛି। ସ୍ନେହ କରୁଛି। ମୋର ଭଲ ପାଇବାକୁ, ମୋର ସ୍ନେହ ମମତାକୁ ତମେ ହଠାତ କିପରି ଭୁଲି ଯାଇ ଚିଡ଼ି ଉଠୁଛ?

— ଅଣତ୍ରିଂଶ —

ଏତିକି କହି ଅଞ୍ଜଳୀ ଆଉ କିଛି କହି ପାରିଲାନି । ସାରା ଦେହଟା ତା'ର ଖାଲି ଥରିବାକୁ ଲାଗିଲା ।

ଦେବେନ୍ଦ୍ର ନୀରବ । ସେ ଆଉ କିଛି ଉତ୍ତର ଦେଲେନି । ଦୁହେଁ ସଞ୍ଜର ଅନ୍ଧାରରେ ସେମିତି ବସିଛନ୍ତି । ଅଞ୍ଜଳୀର ବୋଉ ଆସି ପହଞ୍ଚିଲା ।

ଦେବେନ୍ଦ୍ର ଯିବାକୁ ବାହାରିଲା । ଅଞ୍ଜଳୀ ବୋଉ କହିଲା— କୁଆଡ଼େ ଆସିଥିଲ ଦେବ, ବସୁନ, ପଳାଉଛ କାହିଁକି ? କ'ଣ କିଛି କେଉଁଠି କାମ ଅଛି ?

ଦେବେନ୍ଦ୍ର କହିଲା--ନାହିଁ ମାଉସୀ, କାଲି ମୁଁ ଭୁବନେଶ୍ୱର ଚାଲି ଯାଉଛି । ତେଣୁ ଆସିଥିଲି ତମ ଆଡ଼େ ବୁଲାଯିବା ପାଇଁ । ଦେଖିଲି ତମେ ନାହଁ । ଆଉ ଅଯଥାରେ ବସିବି କାହିଁକି?

ଅଂଜଳୀର ବୋଉ କହିଲେ—ହେଉ ଟିକିଏ ବସ, ଯିବ ତ ଆଉ ! ଦେବେନ୍ଦ୍ର ବସିଲା । ଅଂଜଳୀ ବୋଉ କହିଲେ—ଦେବ, ତମେ ତ କେହି ବୁଝିଲନି ! ମୁଁ କିନ୍ତୁ ଅଂଜଳୀର ବିବାହ ପାଇଁ ନିଜେ ନିଜେ ଜବାବ୍ ଦେଇ ଦେଲି । ତମେ ଜାଣିଛ, ବଉଲ-ପୋଡ଼ାର ସୁରେନ୍ଦ୍ରଙ୍କୁ । ବାପା ନାଁ ତା'ର ଶୁଭଙ୍କର ଦାସ— ଏବେ ପେନ୍‌ସେନ୍ ନେଇଛନ୍ତି । ବେଶ୍ ଖାନଦାନୀ, ବୁନିଆଦି ଘର— ପିଲାଟି ବି. ଏ. ପାଏ କରିଛି । ଦେଖିବାକୁ ସୁନ୍ଦର । ସେଇଠି ଜବାବ ଦେଲି । ଯାହା ଯୌତୁକ ତାଙ୍କ ଘର ତରଫରୁ ଯାହା ଦାବୀ ହେଲା, ତାକୁ ମୁଁ ପୂରଣ କରିବି । ତୁମେ ଚିହ୍ନିଛ କି ଦେବ, ସୁରେନ୍ଦ୍ରଙ୍କୁ ? ତମେ ପରା କଟକ କଲେଜରେ ପଢ଼ୁଥିଲ ?

ଦେବେନ୍ଦ୍ର ଆଉ କି ଉତ୍ତର ଦେବ, ଭାବି ପାରୁନି । ମନ-ଭିତରଟା ତା'ର ଛଟିପିଟି ହେଉଛି । ମୁଣ୍ଡ ଘୁରିବାକୁ ଆରମ୍ଭ କଲାଣି । ଛେପ ଢୋକି କହିଲା—ମାଉସୀ, ମୁଁ ତାଙ୍କୁ ଚିହ୍ନେନି । ତାଙ୍କ ଘରର କାହାରିକୁ ବି ଜାଣିନି ।

ଅଂଜଳୀ ତେ'ବ କହିଲା—ମୋର କ'ଣ ମତ ହେବ ? ସେଠି ଭଲ ହେବନି ? ଅଂଜଳୀ ମୋର ସୁଖୀ ହେଲେ ହେଲା ।

ଦେବ କହିଲେ—ତମେ ଯଦି ଭାବୁଛ ଭଲ ହେଲା, ଆଉ ମୋର ମତ ସେଠି ଦରକାର କ'ଣ ? ଯେତେବେଳେ ଜବାବ୍ ଦେଇ ସାରିଛ, ତମକୁ ସେତେବେଳେ ସେଇଠାରେହିଁ ବିଦାୟ ହେବାକୁ ପଡ଼ିବ । ହେଉ, ମୁଁ ଯାଉଛି ମାଉସୀ । ଅଂଜଳୀ ବାହାଘରକୁ ମୁଁ ଆସିବାକୁ ଚେଷ୍ଟା କରିବି ।

ଏ କଥା କହି ବିଜୁଳି ବେଗରେ ଚାଲି ଆସିଲା ଦେବେନ୍ଦ୍ର । ସେ ଚାଲି ଚାଲି ଘରକୁ ଆସୁଛି । ବାହାରେ ଆସୁଥିବା ବେଳେ, ସେ ଅନୁଭବ କରୁଥିଲା, ଗାଁର ସେଇ ପରିଚିତ ଅଙ୍କା ବଙ୍କା ରାସ୍ତା, ସବୁ ଯେପରି ତାକୁ ଦେଖା ଯାଉନାହିଁ । କେହି ଅସ୍ତ୍ରାଳ ଅଶ୍ରୋଳ ସେ ଚାଲିଛି । ଗାଁର ସେଇ ପରିଚିତ ଗଛ, ପତର ଗୁଡ଼ାକ ପବନରେ ଖଡ଼ ଖଡ଼ ହେଉଛନ୍ତି—ସେ କିନ୍ତୁ ମୂକ, ପାଷାଣ – ସେ ଚାଲିଛି ଘରକୁ........

ଦେବେନ୍ଦ୍ର ଘରେ ପହଁଚିଲା, ବୋଉ ତା'ର ଯେତେ ଖାଇବାକୁ କହିଲା, ସେ ଖାଇଲାନି । ଖଟ ଉପରେ ଶୋଇ ଚିନ୍ତା କରୁଛି ସେ ଅଂଜଳୀର କଥା । ଅଂଜଳୀ ସତରେ କ'ଣ ତାକୁ ଠକିଛି ? ହଁ ସେ ତାକୁ ଠକିଛି । ତା' ନ ହୋଇଥିଲେ, ତା' ବୋଉ ପାଖ ନ ସେ ହୁଏତ କହି ଦେଇ ଥାଆନ୍ତା, 'ବୋଉ, ମୁଁ ଦେବ ଭାଇକୁ ବିବାହ କରିବି ।' ଯୌବନର ପ୍ରଥମ ପାହାଚରେ ସେ ଯେତେବେଳେ ଲଗାଡ଼ ଦେଇଥିଲା, ସେତିକିବେଳେ ବୋଧେ ଅତି ଶାମଶିଆଳି ଭାବରେ ସେ ତାକୁ ଭଲ ପାଉଥିଲା; ସ୍ନେହ କରୁଥିଲା । ଟିକେ ନ ଦେଖି ଥିଲେ ଅଭିମାନ କରୁଥିଲା, ରୁଷୁଥିଲା । କିନ୍ତୁ ବିବାହ କରିବାର ବୟସ ଯେତେବେଳେ ଆସିଲା, ଆଉ ଜଣେ ତରୁଣକୁ ବାଂଧାଏ ଛୁଟେ

## — ଏକତିରିଶ —

ଗ୍ରହଣ କରିବା ପାଇଁ ସେ ବୋଧେ ଇଚ୍ଛା କରୁଛି । ଇସ୍; ଅଂଜଳୀ କେତେ ମିଥ୍ୟାବାଦୀ ! କେତେ ପ୍ରତାରକ ! ତା'ର ପାଇଁ ଆଜି ପର୍ଯ୍ୟନ୍ତ ସେ ବାହା ହେଲାନି । ବାପା ବୋଉ କେତେ ଆଗ୍ରହରେ ତା'ର ବିବାହ ପ୍ରସ୍ତାବ ଆଣନ୍ତି । କେତେଆଡ଼ୁ କେତେ ପ୍ରସ୍ତାବ ଆସେ, ତା'ର ପାଇଁ ସେ ସମସ୍ତଙ୍କୁ ମନା କରେ ।

ପୁଣି ଭାବିଲା—ନାଁ, ଅଂଜଳୀ କେବେ ତାକୁ ଠକିନି, ଛଳନା କରିନି । ବହୁବାର ସେ ତାକୁ ପରୀକ୍ଷା କରିଛି—ତା' ଗୁଢ଼ତଳର ବେଦନାକୁ ସେ କେତେଥର ମାପିଛି—ତା' ହୃଦତଳର ଦର୍ପଣରେ ଅଂଜଳୀର ରୂପ କେତେଥର ପ୍ରତିବିମ୍ବିତ ହୋଇଛି । ଏତେ କରି ସେ କିପରି ତାକୁ ଠକିବ ? କିପରି ଭୁଲିଯିବ ? ବାହା ହୋଇ ସାରିଲା ପରେ ସ୍ୱାମୀ ପାଖରେ ଶୋଇ କ'ଣ ସେ ତା' କଥା ଭାବିବନି ? ତା' ସ୍ୱାମୀ ଯେତେବେଳେ ତା'ର ଗାଲ ଉପରେ ତାଙ୍କର ଦୁଇ ଓଠକୁ ଥୋଇ ଦେବେ, ସେତେବେଳେ କ'ଣ ତା'ର ଓଠର ଚୁମ୍ବନ ପରଶ ସେ ପାଇ ପାରିବନି ? ନାଁ, ତା' ବୋଉକୁ ବୋଧେ ଉତ୍ତରରେ ସେ କହି ପାରୁନି । କାହିଁକି ସେ କହୁନି ? ଏତିକି ସାହସ କ'ଣ ତା'ର ନାହିଁ ? ଏତିକି ଯଦି ତା'ର ସାହସ ନଥିଲା, ଶକ୍ତି ନ ଥିଲା, ତା'ହେଲେ କେଉଁ ସାହସ ନେଇ ସେ ତା' ସହ ଏତେ ମିଶୁଥିଲା ? ଆଳାପ କରୁଥିଲା ? ଦେହ ଉପରେ ଦେହ ଢାଳି ଦେଉଥିଲା ??

ଭାବିଲା, ସେ ଯଦି ବାହା ହୋଇଯାଏ, ସେ କ'ଣ କରିବ ? ସେ କ'ଣ ଏଇମିତି ଅବିବାହିତ ରହିବ ! ଏଇ ଅବିବାହିତ ଜୀବନ ନେଇ ଯଦି ସେ ଦିନ ବିତାଇବ, ଏବଂ ସେଇ ଜୀବନକାଳ ଭିତରେ ଯଦି ଅଂଜଳୀ ଆଉ ତା' ର ସ୍ୱାମୀ ଉଭୟେ ଦିନେ ଦେଖା ହେବେ, ତା' ହେଲେ କିପରି ସେ ଧୈର୍ଯ୍ୟ ଧରି ସେମାନଙ୍କ ଆଗରେ ଠିଆ ହେବ ? କଥା କହିବ ? ନାଁ, ସେ ବାହା ହେବ । ଅଂଜଳୀର ସ୍ମୃତିକୁ

ମନଟକୁ ଟୋପାଏ ପକାଇବାକୁ ହେବ । ତା'ର ବଦଳରେ ଆଉ କାହାକୁ ବିବାହ କଲେ ଅଞ୍ଜଳୀର କଥା ଆପେ ଆପେ ମନ ଭିତରୁ ପୋଛି ହୋଇଯିବ ।

ଦେବେନ୍ଦ୍ର ସେଦିନ ଏଇମିତି ଭାବୁଛି......

ସେଇଦିନ ରାତି—

ଅଞ୍ଜଳୀ ଶୋଇଛି । ବୋଉ ତା'ର ତାକୁ ଯେତେ ବୁଝାଉଛନ୍ତି, ସେ ବୁଝୁନି । ମୁହଁକୁ ପାନ ତକିଆଁ ଆଡ଼ି କରି କାନ୍ଦୁଛି । ବସିଛନ୍ତି, ତା'ର ଆଗରେ ଭାତ ଥାଳି ଥୁଆ ହୋଇଛି । ତାକୁ ଅଳିଆ ସେ ଦିଶୁଛି ।

ଅଞ୍ଜଳୀର ବୋଉ କହୁଛି — ଖାଇଦେ ମା'—ଝିଅ ଜନମ ତ ପର ଘରକୁ । ଘରୁ ବିଦା ହେଲାବେଳେ ସମସ୍ତଙ୍କର ଦୁଃଖ ହୁଏ; ତୋର ଦୁଃଖ ହେଉଥିବ । ଯେଉଁ ଘରେ ଅଠର ବର୍ଷ କଟିଥିଲୁ, ଯେଉଁ ଧୂଳି ମାଟିରେ ଅଠର ବର୍ଷ ଖେଳିଥିଲୁ, ସେ ଘର, ସେ ଧୂଳି କା'ଲି ପ ସାତ ସପନ ହେବ । 'ବୋଉ ବୋଉ' ଡାକ ଭୁଲି ହୋ ଯିବ । ଝିଅ ଦେଲାର ସବୁ ଅଳି ଅର୍ଦ୍ଦଳି ଆପେ ଆପେ ସରିଯିବ ।'

ଅଞ୍ଜଳୀ ଆହୁରି କାନ୍ଦୁଛି । ଉଦ ଉଦ ହୋଇ ଆଖିରୁ ତା' ଲୁହ ବହୁଛି । ଅଞ୍ଜଳୀର ବୋଉ ଭାବୁଛି—ଝିଅ, ବାହା ହୋଇଯି ବୋଲି କାନ୍ଦୁଛି, ଲୁହ ଗଳୁଛି । କିନ୍ତୁ ଅଞ୍ଜଳୀ କାହିଁକି କାନ୍ଦୁଛି ସେ ଜାଣିନି, ଜାଣି ପାରୁନି । ଅଞ୍ଜଳୀର ମନ ତଳେତଳେ ଯେ ଦୁଃଖର ନିଆଁ ଧୂଆଁ କାଟି କାଟି ବଢ଼ୁଯାଉଛି, ସେ ଧୂଆଁକୁ ସେ ବୁଝିବ କେମିତି !

ଅଞ୍ଜଳୀର ଲୁହ ଥମିନି । ସେ ବେଶୀ ବେଶୀ କାନ୍ଦିବାକୁ ଆର କରୁଛି । ଅଞ୍ଜଳୀର ବୋଉ କହୁଛି—କାହିଁକି ଏତେ କାନ୍ଦ

କହୁଲୁ ? ତୋର ବାପା ନାହାଁ—ଭାଇ ନାହାଁ—ହେଲେ କେଉଁ-ଥିରେ ତତେ ମୁଁ ଊଣା କରେଇଛି ?

ଅଂଜଳୀ ପୁଣି କାନ୍ଦିଲା······

ଅଂଜଳୀ ବୋଉ କହିଲା—ଛି ମା’ ତୁନି ହୁଅ । ଏଇ ଗାଁରେ ମୁଁ ତ କେତେ ଝିଅ ଦେଖିଛି, ତୋର ପରି କେଇ ତ ଏମିତି କାନ୍ଦ ନାହାନ୍ତି ? ତୁ ମୋର ଗୋଟିଏ ଝିଅ ନୁହଁ ପୁଅ; ତୋର ସୁଖ ପାଇଁ, ତୋର ମଙ୍ଗଳ ପାଇଁ, ଖୋଜି ଖୋଜି ଉପଯୁକ୍ତ ବରଟିଏ ଜୁଟାଇଛି । ତା’ର ସହ ତୁ ହସି ହସି ଦିନ ନେଲେ, ମୋ ଆଖି ସାର୍ଥକ ହେବ । ତମର ସୁଖର ସଂସାର ଦେଖିଲେ, ମୋ ଆଖିରୁ ଆନନ୍ଦର ଲୁହ ଗଡ଼ିବ ।

ଅଂଜଳୀର ଆଖିରେ ଲୁହ···ସେ କାଇଁ କାଇଁ ହୋଇ କାନ୍ଦିଲା । ଅଂଜଳୀ ବୋଉର ଲୁଗାକାନିଟା ଲୁହରେ ଜୁଡ଼ୁବୁଡ଼ୁ ହେଲା । ସିଏ ବି କାନ୍ଦିବାକୁ ଆରମ୍ଭ କଲା । ଭାତ ଶୁଖୁଛି । ଲଣ୍ଠନଟି ଦପ ଦପ ହୋଇ ଜଳୁଛି—ଘରର ବାହାରେ ରାତିର ଅନ୍ଧାର ଆହୁରି ବହଳ ହେଉଛି ।

ଅଂଜଳୀ ଅନୁଭବ କରୁଥିଲା, ତା’ର ଆଖିର ଲୁହକୁ ଦେବଭାଇ ସତେ ଯେପରି ବଢ଼ାଇଛି । ଦେବଭାଇର କଣ୍ଠ ଦେଶକୁ ତା’ର ଯେପରି ମାଡ଼ି ବସିଛି । ସେ କିଛି କହି ପାରୁନି । ସେଇ କାନ୍ଦବା ଭିତରେ ସେ ଭାବୁଛି ତା’ବୋଉକୁ କହିବ—ବୋଉ; ମୁଁ ଦେବଭାଇଙ୍କ କଥା ଦେଇଛି—ତାଙ୍କୁହିଁ ମୁଁ ବାହା ହେବ । ମୋ ପାଇଁ ତୁ କାହିଁକି ଅନ୍ୟ କୁଆଡ଼େ ପ୍ରସ୍ତାବ ପକାଇଲୁ ? ବିବାହର ଆୟୋଜନ କଲୁ ? ହେଇ ଦେଖିଲୁ, ଆଜି ସଂଜବେଳେ କିପରି ଭଂଗା ହୃଦୟ ନେଇ ଫେରି-ଗଲେ ସେ ଆମ ଘରୁ ! ତୁ ଯେତେ କଥା କହିଲୁ, କେଉଁଥିରେ, ତାଙ୍କର ଅଗ୍ରହ ଥିଲା ? ତୋ କଥା ଶୁଣିଲାବେଳେ ତାଙ୍କ ଆଖି ଦି’ଟା କେମିତି

# — ଚତୁର୍ଦ୍ଦଶ —

ଧଡ଼ ଧଡ଼ ହୋଇ ଉଠିଥିଲା ! ସେ ଆଉ କିଛି ଭାବି ପାରିଲାନି ! ସେ ଆଉ କାନ୍ଦି ବି ପାରିଲାନି । "ବୋଉ ବୋଉ" କହି ତା'ର ବୋଉର କଣ୍ଠକୁ ଦୁଇ ହାତରେ ଜାବୁଡ଼ି ଧରିଲା ।

ତା' ବୋଉ ଅଂଜଳୀର ଓଠକୁ ଧରି କାନ୍ଦିଲା, ଲୁହ ପୋଛି କହିଲା—କହ ମା, କ'ଣ ତୋର କହିବାର ଅଛି ? କାହିଁକି ଡାକୁଛୁ ? ଇମିତ କାହିଁକି ହେଉଛୁ ? କାନ୍ଦି କାନ୍ଦି ଆଖି ଦି'ଟା ତୋର ଫୁଲିଲଣି । କିଛି କହୁନୁ ! ତୁ ଯଦି ଇମିତି ହେଉ, ସବୁବେଳେ ଲୁହ ପୋଛୁ, ମୁଁ କିପରି ନିଶ୍ଚିନ୍ତ ହେବି ? ତୋର ପାଇଁ ବିଧବା ଯନ୍ତ୍ରଣାକୁ ଭୁଲିଛି । ଜୀବନର ସବୁ ଦୁଃଖ, ସବୁ କଷ୍ଟକୁ ପଛରେ ପକାଇ ଦେଇ ତୋର ମୁହଁକୁ ଚାହିଁ ମୁଁ ଦିନ କାଟୁଛି । ଆଜି ଯଦି ତୋର ଆଖିରେ ତୋର ଶୁଭ ବାହାଘର ବେଳେ, ମୁଁ ଲୁହ ଦେଖେ, କାନ୍ଦ ଶୁଣେ, କିପରି ମୁଁ ଜୀବନ ଧରି ରହିବି ? ମୋ ଛାତି ଫାଟିଯିବ—ମୋ' କଲିଜା କାଟି ହୋଇଯିବ—ଦଶ ଦିଗ ମତେ ଅନ୍ଧାର ଦିଶିବ ।

ଅଞ୍ଜଳୀ ବୋଉର ଛାତି ଉପରେ ନିଜର ମୁଣ୍ଡ ରଖି ଭାବୁଥିଲା—କହିଦେବ ତା' ମନ-ଗହ୍ୱରର କଥା । କିନ୍ତୁ ଯେଉଁ ବୋଉ ମୁଅଠାରୁ ଶତ ଗୁଣରେ ତାକୁ ଶ୍ରଦ୍ଧା କରେ, ସ୍ନେହ ଦିଏ, ତା'ର ଛାତି ଉପରେ ମୁଣ୍ଡ ରଖି କେମିତି ସେ ଏ କଥା କହିବ ? ବାହାଘର ପାଇଁ ସେ ଯେତେବେଳେ ଜବାବ୍ ଦେଇ ସାରିଛି, ସେତେବେଳେ ସେ ଏ କଥା ଶୁଣିଲେ କ'ଣ ଭାବିବ ? ହୁଏତ ମୁଣ୍ଡ ପିଟି ଦେବ । ତା' ଉପରେ ଯେଉଁ ସବୁ ଧାରଣା ସେ ନେଇଛି, ଆଜି ହଠାତ୍ ତା'ର ବଦଳି ଯିବ । ସେ ଘୃଣା କରିବ । ନାକ ଟେକିବ । କାହା ପାଖରେ ସିନା ନିଜ ଝିଅ କଥା କହିବନି—ହେଲେ ମନ ତଳେ ତା'ର ଯେଉଁ କଳଙ୍କ ଲାଗିବ, ସେ ଲିଭିବାର ବା ଧୋଇଯିବାର ନୁହେଁ । ନିଜ

ବୋଉର ଛାତିତଳେ ମୁହଁ ରଖି ସେ ଏଇମିତି ଭାବୁଛି । ପୁଣି ଭାବିଲା, ଆଜି ଯଦି ସେ କିଛି ତା'ବୋଉକୁ ନ କହିବ, ତା' ହେଲେ ଚିରଦିନ ପାଇଁ ଦେବଭାଇକୁ ସେ ଭୁଲିଯିବ । ତା'ର ସ୍ମୃତିର କଣ୍ଟାକୁ ନେଇ ଜୀବନ ଭରି ସେ ତା' ଦେହ ମୁଣ୍ଡକୁ ଖଣ୍ଡେଇ ଖାବୁରା କରିବ । ହାୟ ଭଗବାନ; ମତେ ବୁଦ୍ଧି ଦିଅ, ବାଟ ଦେଖାଅ । ଅଞ୍ଜଳୀର ବୋଉ କାନ୍ଦୁଛି—ଅଞ୍ଜଳୀ ତା'ର ଛାତି ତଳେ ମୁହଁ ଚାପି କାନ୍ଦିବାରେ ଲାଗିଛି······ରାତି କଟିଲା ସେଇମିତି ସେ ଦିନ ।

ଶେଫାଳୀର ଆଜି ବାହାଘର······

ହଳଦିଆ ଶାଢ଼ୀ ସେ ପିନ୍ଧିଛି । ଘରର ଘରେ ଲୋକ ପୂରିଛନ୍ତି । ଟିକେତେ ଝିଅ, ବୋହୂ ତାଙ୍କ ଘରକୁ ଆସିଛନ୍ତି । ଘରେ ଚିତା ପଡୁଛି । ବେଦୀ ବନ୍ଧା ହେଉଛି । ଘୁମୁଣ୍ଡିଆ ପଡୁଛି । ମଝିରେ ମଝିରେ ଶଙ୍ଖ ବାଜୁଛି । ହୁଳହୁଳି ପଡୁଛି ।

ଶେଫାଳୀ କନିଆଁ ହୋଇଛି ।

ଘରେ ହୋ ହୋ, ଗୋ ଗୋ ପଡୁଛି । କିନ୍ତୁ ଶେଫାଳୀର ମନ କେଉଁଠି ନ ହେଲେ ଠିକ୍ ଏ ଲାଗୁନି । ଯୁଆଡ଼େ ଯାଉଛି ସିଆଡ଼େ ମଣିଷ—ସିଆଡେ ଉତ୍ସବ । ସାଙ୍ଗ ସାଥି ଝିଅମାନେ ମେଳା ମେଳା ହୋଇଛନ୍ତି । ପାଖରେ ତା'ର ବସୁଛନ୍ତି—କେତେ କଥା ଗପୁଛନ୍ତି । ଶେଫାଳୀ ନୀରବ । କାହାରିକୁ କିଛି କହୁନି । ଯିଏ ଯାହା କହୁଛି, ସବୁ ସେ ଶୁଣୁଛି । ବଲ ବଲ କରି ଚାହୁଁଛି ।

ବାହାଘର ଦିନର ରାତି······

ଘରର ଖଟ ଉପରେ ସେ ଶୋଇଛି । ଘରର ବାହାରେ ସମସ୍ତେ ବ୍ୟସ୍ତ—ସମସ୍ତେ ତତ୍ପର । ବର ଆସିବ । ଖନ୍ଦା ଲାଗିବ ।

ସାହି ପଡ଼ଶା ନିମନ୍ତ୍ରଣ ହେବେ । ବରଯାତ୍ରୀ ଚଢ଼ି ହେବେ । ଦେବା ନେବା ହେବ । ବରଯାତ୍ରା ଯିବ ।

ଘର ଖଟ ଉପରେ ଶୋଇ ଶେଫାଳୀ ଭାବୁଛନ୍ତି ତା'ର ବାହାଘର କଥା । କାହାକୁ ସେ ବାହା ହେବ ? ଦେବେନ୍ଦ୍ରକୁ ? କେଉଁ ବଉଳପୋଖା ? କ'ଣ କରେ ସେ ? କେଉଁଦିନ ବାହାଘର ? ଅଜା ! ସେ ଚମକି ପଡ଼ିଲା । ଆଉ କେଇଘଣ୍ଟା ପରେ ରୋଷଣୀ ଜାଳି, ହୋଇ ଫୁଟାଇ, ବାଇଦ ବଜାଇ ବର ଆସିବ । ବେଦୀରେ ବସିବ । ଧତଡ଼ରେ ହାତ ଛନ୍ଦାଛନ୍ଦି ହେବ । ବାହ୍ମଣ ଶ୍ଳୋକ ପଢ଼ିବ । ହୋମ ଘଇ ହେବ । ବାହାଘର ସରିଯିବ । ତା' ପରେ ଚିରଦିନ ପାଇଁ ଘରୁ ବିଦା ହୋଇ ଚାଲିଯିବାକୁ ହେବ, ଏକ ଅଜଣା ଅଦେଖା ଘରକୁ; ଦେଉଁଠି ବୋହୂ ହେବାକୁ ହେବ, ସ୍ତ୍ରୀ ହେବାକୁ ପଡ଼ିବ ।

କିଏ ସେ ତା'ର ସ୍ୱାମୀ ହେବେ ? ଦେବେନ୍ଦ୍ର ? ଆଉ ସୁର ଭାଇ ? କାହିଁକି ସୁର ଭାଇ ? ଜାଣି ଜାଣି ତା' ବାହାଘରକୁ ଗାଁକୁ ସେ ଆସିଲେନି ! କାହିଁକି ଆସିଲେନି ? କାହିଁକି ବା ଆସିଥାନ୍ତେ ? ଯଦି ସେ ଆସିଥାନ୍ତେ ତା'ର ଏଇ କନିଆଁ ରୂପକୁ ଦେଖି ସେ ଡରି ଯାଇଥାନ୍ତେ । ସେ ବେଦୀ ଉପରେ ଆଉ ଜଣକ ପାଖରେ ତାଙ୍କର ଆଖି ଆଗରେ ବସିଥିଲେ; ସେ କ'ଣ ଠିଆ ହୋଇ ଏ ସବୁ ଦେଖି ପାରନ୍ତେ ? ହେଉ ନ ଆସନ୍ତୁ । କିଏ କାହାକୁ ଠକୁଛି ? ସୁର ଭାଇ ତାକୁ ଠକି ନାହାନ୍ତି କି ସେ ବି ତାଙ୍କୁ ଠକିନାହିଁ । ତା' ହେଲେ କିଏ ଦାୟୀ ? କାହିଁକି ଆଉ ବାହାଘର ହୋଇ ପାରିଲା ନାହିଁ ? ସଞ୍ଜବେଳେ, ଛପି ଛପିକା ଜହ୍ନ ତଳେ, ମହାଦେବ ମନ୍ଦିରପର କେତେ କଥା, କେତେ ସ୍ମୃତି ! ସୁରଭାଇ ଆଉ ସେ···ତାଙ୍କର କୋଡ଼ରେ ମୁଣ୍ଡ ରଖି ନୀଳ ଆକାଶର ଛାତରେ ପଡ଼ିଥିବା ଯେଉଁ ଅଜଳନ ମିଟି ମିଟି ତାରାଗୁଡ଼ିକ ଗଣିବାକୁ କେତେ ଯେ ଚେଷ୍ଟା କରିଛି । ଗୋଟିଏ

ଥରେ ତାରା ଗୁଡ଼ିକୁ ଗୋଟି ଗୋଟି କରି ଗଣି ଆଉ ପଥରେ ତାରାଗୁଡ଼ିକୁ ଗଣିଲା ବେଳକୁ ତା'ର ସବୁ ଭୁଲ୍ ହୋଇଯାଏ । ସେ ଗଳ୍ପ କରନ୍ତି । ତାଙ୍କର କୋଳରେ ମଥା ରଖି ଶୋଇ ପଡ଼େ ।

ଶେଫାଳୀ ପୁଣି ଭାବୁଛି, କିପରି ସେ ସୁରଭାଇଙ୍କୁ ଭୁଲିବ ! ସେ ବା ତାକୁ ଭୁଲିବେ କିପରି ? ମହାଦେବ ସାମନାରେ ଦୁହେଁଯାକ ଶପଥ ନେଇଥିଲେ । କାହିଁ ସେ ଶପଥ ? ସୁରଭାଇ ! ପ୍ରାଣର ପ୍ରିୟ ଭାଇ !! ଦେହର ପ୍ରତି ଶିରରେ ତାଙ୍କର ଦେହର ଲାବଣ୍ୟ ଫୁଟିଛି । ପ୍ରତି ଲୋମକୂପରେ ତାଙ୍କର ଭାଷାର ଝଙ୍କାର ରହିଛି । କିପରି ସେ ତାଙ୍କୁ ଭୁଲିଯିବ ? କିପରି ଭୁଲିଯାଇ ଆଉ ଜଣଙ୍କ ପାଖରେ ଦେହ, ମନକୁ ତା'ର ସଅଁପି ଦେବ ?

ଘରର ପଲଙ୍କର ବାଡ଼ରେ ଲଣ୍ଠନ ଜଳୁଛି । ସେ ମଝି ମଝି କରି ଉପରକୁ ଚାହିଁ ଭାବୁଛି । ବୋଉ ଆସି ପହଞ୍ଚିଲା । ଦେଖିଲା, ଶେଫାଳୀ ଶୋଇନି । ସେଇମିତି ଚେଇଁଛି । ମଝି ମଝି କରି ଉପରକୁ ଚାହୁଁଛି ।

ଶେଫାଳୀ ବୋଉ କହିଲା— ଶୋଇପଡ଼ ମା —ଉପାସ କରିଛୁ; ଶୋଇ ନ ପଡ଼ିଲେ ଦେହ ଭାରି ଦୁର୍ବଳ ଲାଗିବ । ଦେହ ହାତ ଢୋଲେଇ ହେବ । ମୁଣ୍ଡ ବଥେଇବ । ବାନ୍ତି ଉଠେଇବ । ତେଣୁ ଶୋଇପଡ଼ । ଭାବୁଛୁ କ'ଣ ସେତିକି ବେଳୁ ?

ଶେଫାଳୀ କରି ଲେଉଟେଇ ଶୋଇବାକୁ ଆରମ୍ଭ କଲା । ବୋଉ ପୁଣି ତା'ର ଫେରି ଆସିଲା । ନିଜ କାମରେ ବ୍ୟସ୍ତ ରହିଲା ।

ଶେଫାଳୀକୁ ଆଉ ନିଦ ହେଉନି । କେଇ ଘଣ୍ଟା ପରେ ଏଇ ଗାଁ, ଏଇ ଘର ପଛରେ ପଡ଼ି ରହିବ । ପିଲାବେଳର ପୁଚି, ଡ଼ାଳିମାଙ୍କୁଡ଼ୀ ଆଉ ବୋହୂ ବୋହୂକା ଖେଳ ସବୁ କୁଆଡ଼େ ଲୁଚିଯିବ । ଗାଆଁ ପାଠାଗାରର ସମ୍ପାଦିକା ଆଉ ସେ ହୋଇ ପାରିବନି ! ଗାଆଁର

ଜନ୍ମପୂନ କାମରେ ଆଉ ସେ ଅଂଶ ଗ୍ରହଣ କରି ପାରିବେନି । ତାଙ୍କ ମଙ୍ଗଳ ସ୍ଥିତି ପାଇଁ ଦିନ ରାତି ଆଉ ସେ ଚିନ୍ତା କରିବ ନାହିଁ—ଦାଣ୍ଡଚୌଖଣ୍ଡି, କାଣୀ ନଈ ସବୁ ସେ ଭୁଲିଯିବ । ବାପା ବୋଉଙ୍କୁ ବି ଭୁଲିଯିବ । ଆଉ ନ ଭୁଲିବ କାହାକୁ ? ଏମାନେ ତାଶୋର ମନର ନଈରେ ବୁଡ଼ିଯିବେ, ହଜିଯିବେ । କିନ୍ତୁ ସୁର ଭାଇଙ୍କୁ, କ'ଣ ଭୁଲି ହେବ ? ଆଃ ! ହେଉଥାଆନ୍ତା କି ସେ ଏକ ପକ୍ଷୀରାଜ-ଘୋଡ଼ା । ସେ ଅସ୍ତେ ଅସ୍ତେ ଏଇ ମଥାନ କଣା କରି ଉଡ଼ିଯାଆନ୍ତା ଆକାଶର ମେଘ ପର୍ଯ୍ୟନ୍ତ । ସେଇଠୁ ଧୁ ଧୁ ହୋଇ ଆକାଶର ତୀରେ ତୀରେ ସେ ଛୁଟି ଚାଲନ୍ତା···ଛୁଟି ଚାଲନ୍ତା ସୁର ଭାଇ ପାଖକୁ । ତାଙ୍କ ପାଖରେ ପହଞ୍ଚି ଯାଇ କହନ୍ତା—'ସୁରଭାଇ, ଆସ, ମୋ'ର ପିଠି ଉପରେ ବସ । ଆମେ ଆକାଶର ତୀରେ ତୀରେ ଉଡ଼ି ଉଡ଼ି ଚାଲି ଯିବା—''

ଏଇମିତି ସେ ଭାବୁଛି—ରାତି ଆସି ପାହିବା ଉପରେ । ପେଁ କରି ବାଜି ଉଠିଲା ତେଲିଙ୍ଗି ବାଇଦ । ଧଡ଼ ଧାଡ଼ ହୋଇ ସବୁ ଉଠିଲେ, ବୈଷ୍ଣବୀ ପଡ଼ିଆକୁ ଧାଇଁଲେ । ଢୋଲ ଗର୍ଜି ଉଠିଲା—ମହୁରୀ ବାଜିଲା । ଗଛ, ହୋଳ ଓ ଶଙ୍ଖ ଚହ୍ଳ ରହ୍ଳ ବାଜିଲା—ଗାଁ ଉଚ୍ଛୁଳିଲା ।

ଟେପାଲି ଉଠି ବସିଲା । ରାତି ସାରା ସେ ଶୋଇନି । କାନ ଭିତରେ ତା'ର ବୈଷ୍ଣବୀର ବାଇଦ ବଜାଉଥିଲା । କାନ ତା'ର ଥବଦ ହୋଇଗଲା—ଅନ୍ଧାର କଟି କଟି ସକାଳ ହେଲା । ସେ ସେଇମିତି ବସିଛି ।

ଘର ଭିତରକୁ ପଶି ଆସିଲା ତାଙ୍କର ଘର ପାଖର ଶଶୀ—ବୟସ ଏଗାର ବାର ଭିତରେ—ଲେଖାରେ ଭଉଣୀ ହେବ ତା'ର—ପଲଙ୍କ ଉପରକୁ ଉଠାଇ କହିଲା—ଟେପିଦେଈ; ତୋ

ରତି ଭାବ ଗୋଷ୍ଠ ଲେ ! ସୁନ୍ଦର ଚେହେରା । ଉପରକୁ ବାଲ
ଛିନ୍ତି । ଆଉ ଟିକକ ପରେ ତୁ ଦେଖିବୁନା କି ?

ଶେଫାଲୀ ଶୁଣିଲା । ଶଶୀର କଥା ବୁଝି ପାରିଲା । ଶଶୀ କୁଆଡୁ ଜାଣିବ ତା'ର ମନ ଗହନର ଗୋପନ କଥା । ହେଲେ ତାକୁ କିଛି ଉତ୍ତର ଦେଲାନି । ଶଶୀ ପଳାଇଗଲା ପୁଣି ସେହିଁ ବେଷଣ୍ଡୀ ପଞ୍ଚଆ ଆଡେ଼ ।

ଶେଫାଳୀ ଭାବୁଛି, ସତରେ କ'ଣ ଆଜି ତା'ର ବାହାଘର ! ବର୍ଷା ରାତିରେ, ପାତଳ ଅନ୍ଧାରେ, ଝିପିଝିପିକା ଜହ୍ନ ରାତିରେ ବେଳେ ବେଳେ ମନ କାହିଁକି ତା'ର ଅନମନା ହୋଇ ଉଠେ ? ବର୍ଷା ହେଲେ, ଦେହ ମୁଣ୍ଡରେ ତା'ର ଶୀତଳ ପବନ ପରଶି ଯାଏ । ସେଇ ପବନରେ ଦେହେ ଦେହେ ତା'ର ଖେଳିବୁଲେ, ଏକ ଶିହରଣ । କାହିଁକି ସେଇମିତି ହୁଏ ? ସେଇ ଶୀତରେ ମନ ଭିତରେ ରହି ରହି ଏ ତା'ର ରକ୍ତ କୁହାଟ ମାରେ—ସେଇ ରକ୍ତ କୁହାଟ କାହାର ? କେମିତି ସେ ଯାଇ ଦିନ କାଟିବ ? ଏ ଦେହ ଓ ମନକୁ ସୁର ଭାଇଙ୍କୁ ନା କୁଣ୍ଠାରେ ସେ ତ ଦେଇଛି । ପୁଣି ସେଇ ଦେହ ଓ ମନକୁ ତା'ର ବର କିପରି ପୁଣି ଥରେ ଗ୍ରହଣ କରିବେ ? ସେ କ'ଣ ସୁର ଭାଇର ଉଚ୍ଛିଷ୍ଟ ଖାଇବେ ? ତା'ର ଉଚ୍ଛିଷ୍ଟ ମନ ଓ ଦେହକୁ ସେ ଉପଭୋଗ କରୁଥିଲା ବେଳେ, ସେ କ'ଣ ଜାଣି ପାରିବେନି ? ହଁ, ଜାଣିବେ; ସେ ତ ଜାଣିବେ ନିଶ୍ଚୟ । କିନ୍ତୁ ଜାଣି ଜାଣି କିପରି ସେ ଙ୍କୁ ଅଇଁଠା କୁଣ୍ଠା ଖାଇବାକୁ ଦେବ ? ନାଁ, ଏ ଦେହ ତା'ର କଳୁଷିତ ହୋଇଛି । ମନ ତା'ର ଅପବିତ୍ର ହୋଇଛି । ଦେହରେ ଓ ମନରେ ସୁର ଭାଇ ଏକଚ୍ଛତ୍ରପତି ହୋଇଛନ୍ତି । ତେଣୁ ସ୍ୱାମୀ ପୁଣି ପରି ଏକ କରଦ ରଜା ହୋଇ ରହିବେ । ନାଁ, ନାଁ, ସେ ହେବନି । ସେ ମରିଯାଆନ୍ତା କି—ଠିଆ ମରଣ ତା'ର ଘଟନ୍ତା କି—

କ'ଣ ସେ କରିବ ଭାବି କିଛି ଠିକ୍ କରି ପାରୁନି । ବିବାହ ବାଜଣା ଖୁବ୍ ଜୋରରେ ବାଜି ଉଠିଲା । ସ୍ତ୍ରୀକାର ଚଲା ବେଳେ । ବୋଧେ ବର ଆସିଗଲାଣି—ତେଲଙ୍ଗି ବାଇଦ ଜମି ଉଠିଲାଣି । ଆଉ ଟିକିଏ—ଶେଫାଳୀ ଘରର ଝରକା ଖୋଲି ଚାହିଁଲା ବାହାରକୁ—ସକାଳର ପାଉଁଶିଆ ଅନ୍ଧାର ଭିତରେ ଜଳୁଛି କେତେ ପେଟ୍ରୋମାକସ୍ ଲାଇଟ୍—ବରର ଶୋଭାଯାତ୍ରାରେ କେତେ କୃତ୍ରିମ ଫୁଲ ସଜା ହୋଇଛି । ବରଯାତ୍ରୀ କେତେ ରଙ୍ଗର, କେତେ ଢଙ୍ଗର ଲୁଗା ପିନ୍ଧିଛନ୍ତି—ଜାମା ଘୋଡ଼ିଛନ୍ତି—କିଏ ସାଇକେଲ ପେଲି ପେଲି ଆସୁଛି ତ କିଏ ସବାରିରେ ଚଢ଼ିଛି । ଶେଫାଳୀ ଆହୁରି ଟିକିଏ ନିରୀକ୍ଷଣ କରି ଦେଖିଲା, ତା'ର ଗାଁର ଲୋକେ ଅସମ୍ଭବ ଭାବରେ ଭିଡ଼ ଜମେଇଲେଣି—ଥାଟପଟ ଭାଙ୍ଗିଲେଣି । ଲୋକ ଚାହିଁଛନ୍ତି—ସେ ଆହୁରି ଟିକେ ଝରକାଟାକୁ ମୁକୁଳା କରି ଦେଇ ଚାହିଁଲା--ଦେଖିଲା ଚଉଦୋଳରେ ବର ବସିଛନ୍ତି—ଶାନ୍ତିପୁରୀ ଧୋତିର ପାଢ଼ୀ ଚକ୍ ଚକ୍ ମାରୁଛି । ସିଲକ୍ ପଞ୍ଜାବୀ ଢିଲା ହୋଇ ଯାଇଛି । ବର ଚନ୍ଦନଫଟା ଘେନିଛନ୍ତି । ଶଶୀ ଭାଷାରେ ଖୁବ୍ ଗୋରା ତା'ର ବର । ଦେଖିବାକୁ ମଧ୍ୟ ସୁନ୍ଦର ।

ଶେଫାଳୀ ଆହୁରି ଟିକିଏ ତା'ର ବରକୁ ନିରୀକ୍ଷଣ କରି ଚାହିଁଲା । ଭାବିଲା, ସୁରଭାଇ ତ ଠିକ୍ ଏଇମିତି । ଏଇମିତି ସେ ଗୋରା ଏଇମିତି ବାଳ ଭାଙ୍ଗନ୍ତି । ଏଇମିତି ଚାହାନ୍ତି । ସୁରଭାଇ କି ଇଏ ଅଉ ! ବର ବେଶରେ ସୁରଭାଇ ସତରେ କ'ଣ ଆସିଛନ୍ତି ? ସତରେ କ'ଣ ଆସିଛନ୍ତି ତାକୁ ବିବାହ କରିବା ପାଇଁ ? ବୋଧେ, ତାକୁ ଘରକୁ ନେବାପାଇଁ ? ନା, ମିଛ । ସବୁ ମିଛ । କିନ୍ତୁ ଏଇ ବରଙ୍କର ମୁହଁ ଭିତରେ ସିଏ ସୁରଭାଇ ମୁହଁର ପ୍ରତିଫଳନ କାହିଁକି ଦେଖୁଛି ? ଏଇ ବରଙ୍କର ଆଖିର ତୋଳାଟିରେ ସେ କାହିଁକି ସୁରଭାଇର ଆଖିର

ତେଣିକାକୁ ଦେଖି ପାରୁଛି ? ନାଁ, ସେ ଆଉ କିଛି ଭାବନ୍ତିନି। ମୁଣ୍ଡ ଭିତରେ ଆଉ କୌଣସି ଭାବନା ସେ ପୂରାଇବନି। ତୁମ ଦ୍ୱାରା ହବୁ ଯେ ସମ୍ଭବିବ। ଷଣ୍ଢି କଣ୍ଠେଇ ଫଣ ସବୁ ସେ କରିଯିବ। କାହାରକୁ ସେ କିଛି କହିବନି। ଏତିକି ଭାବି ଧଡ଼ାସ୍ କରି ଝରକା କବାଟଟା ବନ୍ଦ କରି ଦେଇ ପୁଣି ସେ ଶୋଇ ପଡ଼ିଲା ସେଇ ପଲଙ୍କ ଉପରେ।

ବର ଆସି ତାଙ୍କ ଦାଣ୍ଡ ଦୁଆରେ ପହଞ୍ଚିଲା······ଗିଲା, ହୁଆ ଓ ମାଇପେ ଘରର ଘରେ ହୋଇଗଲେ। ତାଙ୍କର ଚଉପାଢ଼ୀରେ ବରଯାତ୍ରୀ ମାନେ ବସିଲେ। ଚା। ହେଲେ।

ଶେଫାଳୀ ଗାଧୋଇଲା—ସରବତ ପିଇଲା। ପିଉସୀ ତା'ର ସବୁ କାମ ସାରି ଦେଲା।

ଶେଫାଳୀ ବେଦୀ ଉପରେ ବସିଛି। ତା'ର ମୁହଁ ଉପରେ ଓଢ଼ଣୀଟିଏ ପଡ଼ିଛି। ବେଦୀ ଚାରିପଟେ ବହୁ ଲୋକ ଜମିଛନ୍ତି—ବ୍ରାହ୍ମଣ ମନ୍ତ୍ର ପଢୁଛି—ଶ୍ଳୋକ ଗାଉଛି—ତା'ର ଡାହାଣ ପଟକୁ ବସିଛନ୍ତି ଆଉ ଜଣେ କିଏ! ସେ ବର—ସେ ତା'ର ସ୍ୱାମୀ!

ପ୍ରଥମେ ଯେତେବେଳେ ତା'ର ହାତ ଦେବେନ୍ଦ୍ର ହାତରେ ଛନ୍ଦି ଦିଆଗଲା, ଶେଫାଳୀର ଦେହେ ଦେହେ ବହିଗଲା ବୁକୁଥରା ଏକ ଝଡ଼, ଏକ ବତାସ। ସେ ଝଡ଼ ଆଉ ବତାସର ଅତ୍ୟାଚାରରେ ଦେହ ତା'ର ଥରିଲା—ମୁଣ୍ଡ ଝିମି ଝିମି ହୋଇ ଉଠିଲା--ଏକ ଅଦେଖା ହାତର ନୂଆ ପରଶରେ ସେ ସତେ ଯେମିତି ନିଜକୁ ଭୁଲିଗଲା। ସେଇ ହାତରେ ତା' ହାତ ଥିଲା ବେଳେ ସୁରଭିର ସ୍ମୃତି ମନର ଅତଳ ଦରିଆରେ ତା'ର ଲୀନ ହୋଇ ଯାଉଥିଲା।

ବେଦୀ ଉପରେ ବାହାଘର ସରିଗଲା······

ବର ବିଦା ହେବାକୁ ଆଉ ଘଣ୍ଟାଟିଏ ଅଛି—ଚଉପାଢ଼ୀରେ ଯାନୀ ଯୌତୁକ ଦେବା ନେବା ଚାଲିଛି।

— ବର୍ତ୍ତମାନ —

ଶେଫାଳୀକୁ ଘେରି ବସିଛନ୍ତି ତା'ର ଗାଁଅଁର କେତେ ବିବାହିତା ଆଉ ଅବିବାହିତା ଝିଅ । ସେମାନେ ତାକୁ ଥଟ୍ଟା କରୁଛନ୍ତି—ହସୁଛନ୍ତି—ଚିଡ଼ାଉଛନ୍ତି । ମଝିରେ ମଝିରେ ଦେବେନ୍ଦ୍ର ନାଙ୍କର ସ୍ତ୍ରୀକୁ ଦେଖିବା ଉଦ୍ଦେଶ୍ୟରେ ସେଇ ଘରର ବାରଣ୍ଡା ଦେଇ ଚାଲିଯାଉଛନ୍ତି । ଗଲା ଗଲା ଶେଫାଳୀକୁ ଅନାଉଁଛନ୍ତି । ଶେଫାଳୀ ବି ତାକୁ ଚାହୁଁଛନ୍ତି......

ଶେଫାଳୀ ଭାବୁଛି, ବେଦୀ ଉପରେ ହାତଗଣ୍ଠି ପଡ଼ି ସାରିଲା ପରେ, ମନ ତା'ର କାହିଁକି ଇମିତି ହେଲା ? କାହିଁକି ଏ ଲୋ ପ୍ରତି ତା'ର ଏତେ ମମତା ଲାଗୁଛି ? ଇମିତି କେତେ ସେ ଭାବୁଛି......

ଘଣ୍ଟୁ ଶେଫାଳୀ ବିଦାୟ ନେଲା ।

ବାହାଘର ତା'ର ସରିଲା । ସେ ହେଲା ଦେବେନ୍ଦ୍ରର ସ୍ତ୍ରୀ ।

ସୁରେନ୍ଦ୍ରର ବାହାଘର ସରିଛି ।

ସ୍ତ୍ରୀ ରୂପେ ତା'ର ଆସିଛି ଅଞ୍ଜଳୀ । ସୁରେନ୍ଦ୍ରର ମା' ଆନନ୍ଦରେ ଫୁଲି ଉଠିଛି । ମନ ତା'ର ଉଚ୍ଛୁଳେ । ସେ ଭାବୁଛି, ଏତେଦିନ ପରେ ସାଁହେର ପାଗଳଟା ରାଜି ହୋଇଛି । ଯୋଗ୍ୟ ବୋହୂଟିଏ ପାଇଛି । ଗୋଟିଏ ଗୁହଳରେ ଗଢ଼ା ସେ । ହଳଦୀ ରଙ୍ଗ ଦେହ—ଅଳି ଡେଙ୍ଗୀ--ପାତଳୀ । କଇଁଫୁଲିଆ ମୁହଁ । ଲୟା ଲୟା ଆଖି--ଟିଆ ଥଣ୍ଟ ନାକ—ଚମ୍ପା କଢ଼ି ପରିଆଙ୍ଗୁଳି—ଥୂର୍ ଥୂର୍ ଚୁଳି ।

ସୁରେନ୍ଦ୍ରର ଆଜି ମଧୁଶଯ୍ୟା......

ଶେଫାଳୀ ପଲଙ୍କର ବାଡ଼କୁ ଧରି ଠିଆ ହୋଇଛି—ତେ ବିଛଣା ପଡ଼ି ହୋଇଛି । ସେଇ ବିଛଣାରେ ସଜଫୁଲ ଗୁଡ଼ାଏ ପଡ଼ିଛି

ଲଣ୍ଠନଟିଏ ଧକ ଧକ ହୋଇ ଜଳୁଛି । ସୁରେନ୍ଦ୍ର ଖଟକୁ ଲାଗି ପଡ଼ିଥିବା ଏକ ଚେୟାରରେ ବସିଛନ୍ତି । କେହି ତାହାଙ୍କୁ କିଛି କହୁନାହାନ୍ତି ।

ସୁରେନ୍ଦ୍ର ଭାବୁଛନ୍ତି ଶେଫାଳୀ କଥା । ସେ ବାହା ହୋଇଛନ୍ତି ! ସ୍ୱାମୀ କରିଛନ୍ତି । ହସି ହସି ବୋଧେ ସ୍ୱାମୀଙ୍କ ଉପରେ ଲୋଟି ପଡ଼ୁଥିବ । ମହାଦେବ ମଣ୍ଡପର କଥା ସେ ଭୁଲି ଯାଇଥିବ । ଜ୍ୟୋତ୍ସ୍ନା-ରାତିର ସ୍ୱପ୍ନ ରାତିର କଥା ଆଉ ସେ କାହିଁକି ଭାବିବ ? କଲେଜରେ ସେ ପଢୁଥିଲା ବେଳେ କେତେ ସେ ଚିଠି ଦେଉଥିଲା—ତା'ପାଖରୁ ଉତ୍ତର ପଠାଇବାରେ ଦିନେ ଦିନେ ଡେରି ହୋଇଗଲେ, ଅଭିମାନ କରି ସେ କେତେ ଲେଖୁଥିଲା, ରୁଷୁଥିଲା । ଏ ତ ନିଜର କରି, ଆପଣାର କରି ଆଉ ଜଣକୁ ନେଇ କିପରି ସେ ସଂସାର ପାତିଥିବ ? ଦିନ କାଟୁଥିବ ? ସ୍ୱାମୀ କୋଳରେ ଶୋଇ ସେ ଅଳସ ଭାଙ୍ଗୁଥିଲା ବେଳେ, ତା' କଥା କ'ଣ ମନରେ ତା'ର ଡେଇଁ ଉଠୁ ନଥିବ ? ସ୍ୱାମୀଙ୍କ ଓଠରେ ନିଜ ଓଠ ଦେଉଥିଲା ବେଳେ ସେ କ'ଣ ତା'ର କଥା ମନେ ପକାଉ ନଥିବ ? ସୁରେନ୍ଦ୍ର ଏଇମିତି ଭାବି ଚାଲିଛନ୍ତି ।

ଘର ଶୁନ୍‌ଶାନ୍, ନୀରବ—ମଧୁଶଯ୍ୟାରେ ଘଡ଼ିଟା ଯେପରି ମନ୍ଦ ମନ୍ଦ ହୋଇ ଭାସି ଉଠୁଛି ।

ଅଞ୍ଜଳି ପଲଙ୍କର ବାଡ଼ାକୁ ଧରି ଭାବୁଛି, ଦେବେନ୍ଦ୍ରର କଥା— ସେ ବାହା ହୋଇଛନ୍ତି । ସ୍ତ୍ରୀ ଆଣିଥିବେ । ତା'ର କୋଳରେ ଲଟି ଲଟି ସେ ଯେମିତି ବେଳେ ବେଳେ ଶୋଇ ପଡ଼ୁଥିଲେ, ବୋଧହୁଏ ସେଇମିତି ଠିକ୍, ନିର୍ଭୟରେ ତାର କୋଳରେ ଶୋଇ ପଡ଼ୁଥିବେ, ଥରି ଥରି ହାତ ଚିପୁଥିବେ । ଦେବ ଭାଇ ! ଦେବ ଭାଇ !!

ସେ ଆଉ କିଛି ଭାବିପାରିଲା ନି । ଧାର ଧାର ହୋଇ ଆଖିରୁ ତା'ର ଲୁହ ଛୁଟିଥାଏ । ଲଟା କାନ୍ଥରେ ଟେଲୁରଣୀ ପରି ଉଡ଼ୁ ଉଡ଼ୁ

ହୋଇ ସେଠିକ ସେ ପୋଛି ପକାଉଥାଏ। ସେ ଯେତେ ପୋଛୁଥାଏ, ଆଖିରୁ ତା'ର ସେତେ ଲୁହ ଝରୁଥାଏ। ଏହିମିତି କାନ୍ଦି କାନ୍ଦି ସେ ସଞ୍ଜ ସଞ୍ଜ ହେଲା—ଥକେଇଲା।

ସୁରେନ୍ଦ୍ରର ଭାବନା ଫେରି ଆସିଲା। ଚାପର ରାତରେ ଲଣ୍ଠନର ସେଇ ଝାପ୍‌ସା ଆଲୁଅରେ ଅଞ୍ଜଳୀ ଆଡ଼େ ସେ ଚାହିଁଲା। ଦେଖିଲା ସେ କାନ୍ଦୁଛି, ଥକୋଉଛି। ଆଉ ସେ ଧୈର୍ଯ୍ୟ ଧରି ବସି ପାରିଲାନି। ଧୀରେ ଧୀରେ ଉଠି ଅଞ୍ଜଳୀର ପାଖକୁ ଲାଗି ଛିଡ଼ା ହେଲା—କିନ୍ତୁ ତାକୁ ଛୁଇଁଲାନି।

ଅତି ନରମ କଣ୍ଠରେ ପଚାରିଲା—ଅଞ୍ଜଳୀ, କାନ୍ଦୁଛ? କାହିଁକି?

ଅଞ୍ଜଳୀ ନିରୁତ୍ତର।

ପୁଣି ସେ ଡାକିଲା—ଅଞ୍ଜଳୀ.....

ତଥାପି ଉତ୍ତର ନାହିଁ।

ଅଞ୍ଜଳୀ ପୁଣି କାନ୍ଦିଲା। ଆଉ ଟିକିଏ ଜୋର୍‌ରେ ସେ ଥକେଇଲା। ସୁରେନ୍ଦ୍ର ନିରୁପାୟ, କର୍ତ୍ତବ୍ୟହୀନ।

ସୁରେନ୍ଦ୍ର ଆଉ ଥରେ କଣ୍ଠରେ ସହାଗ ଦେଇ ଡାକିଲା—ଅଞ୍ଜଳୀ...ଅଞ୍ଜଳୀ, ନିଜ କାନରେ ଲୁହ ପୋଛି ଦେଲା। ପଲଙ୍କର ବାଡ଼ାକୁ ଛାଡ଼ି ସୁରେନ୍ଦ୍ରକୁ ପଛ କରି ଠିଆ ହେଲା।

ଅଞ୍ଜଳୀ ଉତ୍ତର ଦେଉନି। ମୁହଁ ଉପରୁ ଲୁଗାକାନି ତା'ର ଖସି ପଡ଼ୁଛି। ସୁରେନ୍ଦ୍ର ସେଇ ଫୁଲ-ଚିତ୍ରିତ ବିଛଣା ଉପରେ ବସି ପଡ଼ିଲା। ଘର ନୀରବ। ନିସ୍ତବ୍ଧ। ଲଣ୍ଠନର ଶିଖା ଯାହା ଜଳି ଜଳି ଚାଲିଛି।

ଅଞ୍ଜଳୀ ସେଇମିତି ଠିଆ ହୋଇଛି।

ସୁରେନ୍ଦ୍ର ପୁଣି ଥରେ ଡାକିଲା—ଅଞ୍ଜଳୀ.....

ଅଞ୍ଜଳୀ ଫେର ଚାହିଁଲା ସୁରେନ୍ଦ୍ର ଆଡ଼େ । ହେଲେ ତାକୁ ପରିଷ୍କାର ଭାବେ ସେ ଚାହିଁ ପାରିଲାନି । ତଳକୁ ମୁହଁ ପୋତିଲା ।

ସୁରେନ୍ଦ୍ର ଚାହିଁଛି ତା'ରି ଆଡ଼େ । ହେଲେ ସେ ବି ତାକୁ ନିରୀକ୍ଷଣ କରି ଚାହିଁପାରୁନି ।

ସେ ଡାକିଲା—ଏଇଠିକି ଆସ ଅଞ୍ଜଳୀ—

ଅଞ୍ଜଳୀ ସେଇମିତି ଠିଆ ହୋଇଛି ।

'ଆସ—ଆସୁ ନ'—ସୁରେନ୍ଦ୍ର କହିଲା ।

ପାଦଟିଏ ଆଗକୁ ପକାଇ ଅଞ୍ଜଳୀ ଆଉ ଆସିଲାନି । ପୁଣି ପଲଙ୍କର ବାଡ଼ାକୁ ଧରି ସେ ଠିଆ ହେଲା ।

ସୁରେନ୍ଦ୍ର ଧୀରେ ଧୀରେ ଉଠି ଅଞ୍ଜଳୀ ପାଖକୁ ଗଲା । ଅଞ୍ଜଳୀର ଡାହାଣ ହାତର କାଣି ଅଙ୍ଗୁଳି ଧରି ବିଛଣାକୁ ଟାଣିଲା । ସେ ଆସିଲା ।

ଦୁହେଁ ସେଇ ବିଛଣାରେ ବସିଲେ । ଉଭୟେ ଉଭୟଙ୍କୁ ପରିଷ୍କାର ଭାବେ ଦେଖିବାକୁ ଆରମ୍ଭ କରିଦେଲେ ।

ତା'ପରେ ସୁରେନ୍ଦ୍ର ଅଞ୍ଜଳୀର ମୁଣ୍ଡ ଉପରୁ ଲୁଗା କାଢ଼ି ଦେଇ ତା' ମୁହଁକୁ ଆଉ ଥରେ ଅନାଇଲା । ଲଣ୍ଠନଟାକୁ ଆହୁରି ଟିକିଏ ତେଜି ଦେଲା ସେ ଲାଜୁଆ ହେଉଛନ୍ତି । ବେଳେ ବେଳେ ଆଖି ମୁଦି ଦେଉଛନ୍ତି ।

ସୁରେନ୍ଦ୍ର ପଚାରିଲେ—କ'ଣ ଲାଜ ମାଡ଼ୁଛି ଅଞ୍ଜଳୀ ? ଆଖି ବୁଜୁଛ କାହିଁକି ?

ଅଞ୍ଜଳୀ ଆଖି ମେଲି ଚାହିଁଲା ନିଜ ସ୍ୱାମୀଙ୍କୁ । ଓଠରେ ତା'ର ଖେଳି ଖେଳି ଗଲା ଏକ ଲାଜୁଆ, ମିଠା ହସ ।

ସୁରେନ୍ଦ୍ର ତା'ର ହାତ ଧରିଲା ।

ସେ ସତେ କି କାଠ ପାଷାଣ । ସ୍ୱାମୀ ଓ ସ୍ତ୍ରୀଙ୍କ ଶିରା ଶିରାରେ ଜାଗି ଉଠିଛି ଗୋଟାଏ ଗରମ ରକ୍ତ ।

## —ଛୟାଳିଶ—

ଦୁହେଁ କେତେ ମିନିଟ୍ ନୀରବ ହୋଇ ବସି ରହିଲେ । ଅଞ୍ଜଳୀ ଚାହିଁଛି ନିଜ ସ୍ୱାମୀଙ୍କୁ । ଭାବୁଛି ଏ କିଏ ? ଦେବଭାଇ ନୁହେଁ ତ ଆଉ ? ଜୀବନରେ ଦେବ ଭାଇ ବ୍ୟତୀତ ଆଉ କାହାର ପାଖରେ ଏତେ ଲଗି ଲଗି ହୋଇ ବସିନାହିଁ — ହାତରେ ହାତ ରଖି ନାହିଁ — କଥା କହି ନାହିଁ — ଆଖି ଖୋଲି ଚାହିଁ ନାହିଁ — ସେ ଦେବଭାଇ ତ ଏ ନୁହଁନ୍ତି ! ତାଙ୍କର ବୟସର ଜଣେ ଯୁବକ ଇଏ । ତାଙ୍କ ପରି ସ୍ୱାସ୍ଥ୍ୟ । ତାଙ୍କର ପରି ସ୍ନେହ ବୋଳା କଣ୍ଠ । ତାଙ୍କର ପରି ବ୍ୟବହାର । ମାୟା ବେଶରେ କ'ଣ ଦେବ ଭାଇ ଏଠି ତା'ର ସ୍ୱାମୀ ହେଲେ । ନାଁ, ମିଛ, — ସବୁ ମିଛ ।

ଭାବିଲା — ଛିଃ, ଛିଃ, କ'ଣ ସେ ଭାବୁଛି । ଦେବ ଭାଇ କିଏ ? ସେ ଅତୀତ । ସେ ଅତୀତ ହଜିଯାଇଛନ୍ତି, ମରିଯାଇଛନ୍ତି । ରହି ଯାଇଛି ଖାଲି ସ୍ମୃତି । ସ୍ମୃତିର ମଶାଣୀ ଭିତରୁ ସେ ଖାଲି ତାଙ୍କୁ ମଝି ମଝି କରି ଚାହିଁଛନ୍ତି । ନାଁ. ତାଙ୍କ କଥା ଆଉ ସେ ଭାବିବନି — ମନରେ ଧରିବନି । ଯିଏ ହାତ ଧରି ତାକୁ ବିବାହ କଲେ, ସେ ଖାଲି ତାଙ୍କରି କଥା ଭାବିବ । ମନରେ ହେଜି ହେବ । ତାଙ୍କ ସେବା କଲେ ତା'ର ମଙ୍ଗଳ ହେବ, ଭବିଷ୍ୟତ ଉଜ୍ଜ୍ୱଳ ହେବ ।

କାହିଁ, ସେ ତାଙ୍କୁ ଭୁଲି ପାରୁନି ତ । ଯେତେ ଭୁଲିବାକୁ ଚେଷ୍ଟା କରୁଛି, ସେ ସେତେ ସେତେ ଆଖି ଆଗରେ ତା'ର ଭାସି ଉଠୁଛନ୍ତି । ଦେବ ଭାଇ କ'ଣ ସତରେ ଭୁଲି ହେବେ ? ତା'ର ଏ ଦେହ ଆଉ ମନଟାକୁ ସେ ତ ନେଇଛନ୍ତି । ରଖି ଦେଇ ଯାଇଛନ୍ତି ଖାଲି ଗୋଟିଏ ଛାପ । ସେଇ ଛାପ ଭିତରୁ ସେ ତାଙ୍କୁ ଅନୁଭବ କରିପାରୁଛି, ଜାଣି ପାରୁଛି —

ସୁରେନ୍ଦ୍ର ହଠାତ୍ ଅଞ୍ଜଳୀର ହାତକୁ ଧରି ତା'ର କୋଳରେ ତାକୁ ଶୁଆଇ ଦେଲା ।

- ସତଚଳିଶ -

ସୁରେନ୍ଦ୍ର ତାକୁ କୋଳ ଭିତରେ ପୂରାଇ ଅଞ୍ଜଳୀକୁ ଦେଖୁଛନ୍ତି—ତାକୁ ଦେଖୁଛନ୍ତି ଶେଫାଳୀ ରୂପରେ । ସେ ସତେ ଯେମିତି ଆଜି କୁଆଁର ପୁନେଇଁ ରାତିର ଜହ୍ନରେ, ମହାଦେବ ମଣ୍ଡପରେ ତାକୁ କୋଳରେ ଶୁଆଇ ବସିଛନ୍ତି । ଭାବୁଛନ୍ତି, କାହିଁ ମହାଦେବ ମନ୍ଦିର ? କାହିଁ ସେଇ ପେଣ୍ଠା-ଭିତରେ ନଇଁ ହୋଇ ପଡ଼ିଥିବା ବରଗଛ ? କାହିଁ ସେ ମହାଦେବ ପୋଖରୀ ? ଜହ୍ନ କାହିଁ ? ତାରା କାହିଁ ? ମଳୟ କାହିଁ ? ଘରର ଚାରିଆଡ଼କୁ ସେ ଚାହିଁଲା । କେଉଁଠାରେ ହେଲେ ଏଗୁଡ଼ିକର ଆଭାସ ସେ ପାଇ ପାରିଲାନି ।

କିଏ ଶୋଇଛନ୍ତି ତା'ର କୋଳରେ ? ଶେଫାଳୀ ? ନାଁ ତ ! ତା'ର ପର ଝିଅଟିଏ । ନାଁ ତା'ର ଅଞ୍ଜଳୀ । ସେ ପୁଣି ତା'ର ସ୍ତ୍ରୀ, ସହଧର୍ମିଣୀ । କେମିତି ଆସିଲା ସେ ଏ ଘରକୁ ?

ଏତିକି ଭାବି ଚାହିଁଲା ସେ ଅଞ୍ଜଳୀକୁ । ଅଞ୍ଜଳୀ ବି ସେମିତି ଅନ୍ୟମନସ୍କ ହେଲା । ତା'ର କୋଳରେ ଶୋଇ ଆକାଶ-ପାତାଳ ଏକତେ ଭାବି ଚାଲିଥିଲା । ମଝିରେ ମଝିରେ ଆଖି ପତା ତା'ର ଲଜ୍ଜାରେ ବୁଜୁ ବୁଜୁ ହେଉଥିଲା ।

ସୁରେନ୍ଦ୍ର ପଚାରିଲେ—କ'ଣ ଭାବୁଛ ଅଞ୍ଜଳୀ ? ଘର କଥା ମନେ ପଡ଼ୁଛି ? ଅଞ୍ଜଳୀର ଭାବନା ଫେରି ଆସିଲା । କହିଲା—ନାହିଁ ।

—କେମିତି ଲାଗୁଛି ଆଜିର ଏ ରାତି ?

ଅଞ୍ଜଳୀ ଓଠରେ ଲଜ୍ଜାର ହସର ରେଖା ।

—କହୁନ, କେମିତି ଲାଗୁଛି ?

ପୁଣି ସେଇ ହସର ଆଉ ଏକ ବନ୍ୟା···

—ଆଜି ମଧୁଶଯ୍ୟା ରାତି ପରା !

ଅଞ୍ଜଳୀ ମୁଣ୍ଡ ହଲାଇ ସମ୍ମତି ଜଣାଇଲା ।

—ମୁଁ ତମର କିଏ ?

## —ଅଠଚାଳିଶ—

ଅଞ୍ଜଳୀର ଓଠ ପୃଷ୍ଠରେ ମୃଦୁକୁନ୍ଦ ସ୍ୱରର ପ୍ଲାବନ

—କହୁନ ?

ନୀରବ ।

—ତମେ ମୋର କିଏ ?

—ସ୍ତ୍ରୀ

ଦୁହେଁ ଚମକି ପଡ଼ିଲେ । ସେଇ ଚମକ ଭିତରେ ସୁରେନ୍ଦ୍ର ଅଞ୍ଜଳୀକୁ ନିବିଡ଼ ଭାବେ ନିଜର ଛାତି ଉପରକୁ ଆକର୍ଷିଇ ଆଣିଲା । ସୁରେନ୍ଦ୍ର ଅନୁଭବ କରୁଛନ୍ତି ଶେଫାଳୀ ଦେହର କମ୍ପନ । ଅଞ୍ଜଳୀ ଅନୁଭବ କରୁଛନ୍ତି ଦେବଭାଇର ଛାତିର ଉଷ୍ମ ସ୍ପନ୍ଦନ ।

ସୁରେନ୍ଦ୍ର ଅଞ୍ଜଳୀର ମୁହଁକୁ ଟେକିଲା । ଧୀରେ ଧୀରେ ତା'ର ଓଠକୁ ଶେଫାଳୀର ଓଠ ଆଡ଼କୁ ନୁଆଁଇ ଆଣିଲା । ଓଠରେ ଓଠ ବାଜିଲା । ସୁରେନ୍ଦ୍ର ସେଇ ଓଠ ଭିତରୁ ସତେ ଯେପରି ଶେଫାଳୀ ଓଠର ମଧୁରତା ଆସ୍ୱାଦନ କରୁଛନ୍ତି । ଅଞ୍ଜଳୀ ନିଜ ସ୍ୱାମୀର ଓଠ ଭିତରେ ନିଜର ଓଠକୁ ରଖି ଦେବଭାଇର ଗରମ ନିଃଶ୍ୱାସ ଯେପରି ବାରି ପାରୁଛନ୍ତି ।

ଦୁହେଁ ଦୁହିଁଙ୍କୁ ଗ୍ରହିଁଛନ୍ତି । ଦୁହେଁ ଦୁହିଁଙ୍କୁ ପାଇଛନ୍ତି । ସ୍ୱାମୀ ଆଉ ସ୍ତ୍ରୀର ଶରୀର ଏକାକାର ହୋଇଛନ୍ତି । ମାତ୍ର ଦୁଇଟି ଶରୀରକୁ ବହୁ ଦୂରରେ ଏକାକାର କରି ଛାଡ଼ି ଦେଇ, ଦୁଇଟି ମନ ଉଡ଼ି ଯାଉଛନ୍ତି ଦୁଇଟି ଦିଗକୁ । ଯେଉଁ ଦିଗ ନାହାନ୍ତି ପରିଚିତ, ନାହାନ୍ତି ଜଣାଶୁଣା ।

ରାତି ପାହି ପାହି ଆସୁଥିଲା । କୁମ୍ଭାଟୁଆ ଗୀତ ଗାଇବା ଆରମ୍ଭ କରିଦେଲା ।

ମଧୁଶଯ୍ୟା ରାତି ସରିଲା । ସକାଳ ହେଲା ।

—ଅଶ୍ରୁ—

ଶେଫାଳୀ ବାପାଘର ଦେଢ଼ ବର୍ଷ ହେଲା ସରିଗଲାଣି·····

ଦେବେନ୍ଦ୍ର ଏପର୍ଯ୍ୟନ୍ତ ତାକୁ ଭୁବନେଶ୍ୱର ନେଇନି । ନେବ ନେବ ବୋଲି ଭାବୁଛନ୍ତି—ନେଇଗଲେ କାଳେ ବାପା ବୋଉ ହଇରାଣ ହେବେ, ଏଇଆ ଭାବି ଶେଫାଳୀକୁ ସେ ନେଉନି । କିନ୍ତୁ ପ୍ରତି ଛୁଟିରେ ଘରକୁ ଆସୁଛନ୍ତି । ମାସକେ ଥରେ ଅଧେ ଆସି ଘରର ଖବର ବୁଝୁଛନ୍ତି—ଶେଫାଳୀର ମନର କଥା ନେଉଛନ୍ତି ।

ଶେଫାଳୀର ପୁଅଟିଏ ହୋଇଛି । ତିନି ମାସର କଅଁଳା ପୁଅଟିଏ—ଟିକି ଟିକି ହାତ—ନାଲି ଗୁଲୁ ଗୁଲୁ ପାଦ—ଛେନା ପରି ଦେହ ।

ଶାଶୁ ଶ୍ୱଶୁରଙ୍କ ଖବର ବୁଝିସାରି ସେଇ କଅଁଳା ଛୁଆର ଶେଯ ଉପରେ ସେ ଶୁଏ । ତା'ର ମୁତୁରା ଗନ୍ଧ ବିଛଣାରେ ଆଖି ମୁଦି ବେଳେବେଳେ ନିଘୋଡ଼ ନିଦରେ ଶୋଇପଡ଼େ । ପୁଅଟି ଚିଇଁ ଛାଡ଼ି କାନ୍ଦିଲେ ସେ ଉଠେ । ମୁହଁରେ ତା'ର ଥନ ରଖେ । କଅଁଳା ଛୁଆଟି ଆଖି ମୁଦି, ଗୋଡ଼ ହଲାଇ ଶୋଇପଡ଼େ ।

ଭୁବନେଶ୍ୱରକୁ ଦେବେନ୍ଦ୍ର ଚାଲିଗଲା ପରେ ଶେଫାଳୀର ଭାବନା ବେଶୀ ବଢ଼େ । ରାତି ହେଲେ ସେ ବିଛଣା ଧରେ । ସେଇ ବିଛଣାରେ ଶୋଇଥିଲା ବେଳେ ଅଧ ଢଳେ ଆଖିରେ ତା'ର ନିଦ ଆସେନି । ମନେ ପଡ଼େ ଖାଲି ତା'ର ସୁର ଭାଇ କଥା—ସେ କ'ଣ କରୁଥିବେ ? ତା' କଥା ସତରେ ସେ କ'ଣ ମନେ ରଖିଥିବେ ? ସଂସାର ପାଞ୍ଚ--ପିଲା ଛୁଆର ବୋଧେ ବାପ ହୋଇ ସାରିଲେଣି ? ବାପ ହୋଇ ସାରିଲା ପରେ ତା' କଥା କାହିଁକି ସେ ବା ଭାବୁଥିବେ ?

କିନ୍ତୁ ଦେବେନ୍ଦ୍ର ଯେବେ ଘରକୁ ଆସେ, ତା'ର କୋଳରେ ମଥା ରଖି, ଛାତି ଉପରେ ଛାତି ଲଦି ବେଶୀ ବେଶୀ ସେ ସୁର

ଭାଇ କଥା ଭାବେ । ଅବଶ୍ୟ ଏଇ ପିଲାଟି ହେଲା ଧନ ଠାରୁ ସେ ଭାବନା ଅନେକାଂଶରେ ତା'ର ଊଣା ପଡୁଛି । ତାକୁ ଖେଳାଇବାରେ, ତା'ର ଓଠ ଆଉ ମୁଣ୍ଡକୁ ସାଉଁଳାଇବାରେ ତା'ର ଅନେକ ସମୟ ଯାଉଛି—

ରାତିରେ ତା'ର ଠିକ୍ ପୁଅଟିର ପାଖରେ ଶୋଉଥିଲେ ତାର ମୁହଁ ଆଉ ଓଠକୁ ସେ ଚୁମେ । ନିରେଖି ନିରେଖି ଅନାଏଁ । ଭାବେ କା' ଓଠ ପରି ହୋଇଛି ଏ ଛୁଆଟିର ଓଠ ? ସୁର ଭାଇର ? ସ୍ୱାମୀଙ୍କର ? କାହାର ମୁହଁ ଭଳି ହୋଇଛି ଏଇ ପୁଅଟିର ମୁହଁ ? ସ୍ୱାମୀଙ୍କ ପରି ନା ସୁର ଭାଇଙ୍କ ପରି ? ଏଇ ପୁଅଟିର ମୁହଁରେ ତା'ର ରୂପର ଅର୍ଦ୍ଧେକ ସ୍ୱାଦର ତ ଅଛି, ଆଉ କାହାର ଅର୍ଦ୍ଧେକ ଲାବଣ୍ୟ ନେଇ ତାହା ପରିପୂର୍ଣ୍ଣତା ଲାଭ କରିଛି ? ହୋଇଥିବ ସେ ଅଧିକ ସ୍ୱାମୀଙ୍କର ? କେମିତି ହେଲା ? ତା'ର ଗାଲ ଉପରେ ଗାଲ ଥୋଇ, ମୁହଁ ଉପରେ ମୁହଁ ଦେଇ, ସ୍ୱାମୀ ଶୋଇଲେ, ସ୍ୱାମୀଙ୍କ ବଦଳରେ ସେ ଅନୁଭବ କରେ ସୁର ଭାଇଙ୍କୁ । ଦେହରେ ରୋମାଞ୍ଚ ଜାଗିଲେ, ସେଇ ରୋମାଞ୍ଚ ଭିତରୁ ସୁର ଭାଇଙ୍କର କମ୍ପିତ ସ୍ୱରକୁ ସେ ଉପଲବ୍ଧି କରେ--ସ୍ୱାମୀଙ୍କ କୋଳରେ ଥାଇ ସେ ସୁର ଭାଇଙ୍କର ଉଷ୍ଣତା ପାଏ । ସେଇ ଉପଲବ୍ଧି ଓ ଅନୁଭବର ପରଶ ପାଇ ତା'ର ପେଟ ଭିତରେ ସୃଷ୍ଟି ହୋଇଛି ଏଇ ପୁଅଟି—ଯାହାର ମୁହଁରେ ଅର୍ଦ୍ଧେକ ରୂପ ରହିଛି ସୁର ଭାଇଙ୍କ ଚେହେରାର । ଇଏ ପୁଣି କେମିତି ସମ୍ଭବ ? ଛି, ଛି ; କ'ଣ ସେ ଭାବୁଛି ! ନିଜର ସ୍ୱାମୀଙ୍କ ଦେହର ପ୍ରତିନିଧିତ୍ୱ କରୁଛି ଏ ପୁଅ ! ସେ କାହିଁକି ଭାବୁଛି ଏମିତି କଳଙ୍କର କଥାଗୁଡ଼ା !

ସୁର ଭାଇ ! ତମେ କେଉଁଠି ଅଛ ? ମନ ଭିତରୁ ତମେ କାହିଁକି ପାଶୋର ଯାଉନ ? ତମେ ଜାଣିଚ, ଶେଫାଳୀ ତାହା

ହୋଇଛନ୍ତି—ସ୍ୱାମୀ ହୋଇଛନ୍ତି—ସଂସାର ପାଇଛନ୍ତି—ପୁଅର ବାପା ହୋଇଛନ୍ତି । ତଥାପି, ତଥାପି ତାହାଙ୍କ ତମେ ମନେ ପଡୁଛ ? କେମିତି ତମେ ଭୁଲି ହେବ ? ଭୁଲି ହେବନା ତାହାଙ୍କୁ ?

ସେ ଆଉ କିଛି ଭାବି ପାରେନା । ଟିକି ପୁଅଟିର ନରମ, ନଧର ଗାଲରେ ଖାଲି ଚୁମା ଦିଏ । ସେଇ ଟିକି ପିଲାଟିର ସାନ ଗାଲ ଉପରେ ପ୍ରତିବିମ୍ବିତ ହୁଏ ସୁର ଭାଇଙ୍କର ଗାଲ—ସ୍ୱାମୀଙ୍କର ଗାଲ । ଚୁମା ଦେଉଥିଲା ବେଳେ କାହାକୁ ସେ ଚୁମା ଦେଉଛନ୍ତି, ଜାଣି ପାରେନା । ସ୍ୱାମୀଙ୍କୁ ? ସୁରଭାଇଙ୍କୁ ? ନା ନିଜ ଟିକି ପୁଅଟିକୁ ? କାହାକୁ ସେ ଦେଉଛନ୍ତି ? ଟିକି ପୁଅଟିର ଗାଲରେ ସେ ଆଦୁରି ଚୁମା ଢାଳିବାରେ ଲାଗେ । ପୁଅଟି କାନ୍ଦି ଉଠେ । ନିଜ ମାଆର ବାତ୍ସଲ୍ୟ ଚୁମ୍ବନର ଅତ୍ୟାଗ୍ରହରେ ଗଳା ଫଟାଇ କାନ୍ଦି ପକାଏ । ଶେଫାଳୀ ସଚେତନ ହୁଏ । ପୁଣି ତା' ମୁହଁରେ ଥନ ଦିଏ—ପୁଅ ଚୁପ୍ ହୁଏ, ଶୋଇ ପଡେ ।

ଅଞ୍ଜଳୀ ସଂସାର କରୁଛି ।

ଦୁଇ ମାସ ହେଲା ସ୍ୱାମୀଙ୍କ ସହ କଟକରେ ରହୁଛି । ସୁରେନ୍ଦ୍ରର ସ୍ନେହ ସୋହାଗରେ ସେ ପୋତି ହୋଇ ପଡୁଛି । ନିଜ ବସାର ଯାବତୀୟ କାର୍ଯ୍ୟରେ ସେ ବ୍ୟସ୍ତ ରହୁଛି, ଘର ଓଳାଉଛି, ରୋଷେଇ କରୁଛି, ପାଇପରୁ ପାଣି ଆଣି କୁଣ୍ଡରେ ଭର୍ତ୍ତି କରୁଛି, ବିଛଣା ସଜାଉଛି, ସ୍ୱାମୀ ଖାଇ ବସିଲେ ବିଞ୍ଚଣା ଧରି ବିଞ୍ଚି ଦେଉଛି । ତାଙ୍କ ଗଞ୍ଜି ଆଉ ପେଣ୍ଟର ଉପର ମଇଳା ହୋଇଗଲେ, ସେଥିରେ ସାବୁନ ଦେଉଛି, ସଞ୍ଜ ବେଳେ ଅଫିସରୁ ସେ ଫେରିଲେ ମହନଭୋଗ କରୁଛି—ଆଉ ବେଳେବେଳେ ଅବା ଉପାସ କରୁଛି ।

ସ୍ୱାମୀଙ୍କର ସେବା ଓ ଯତ୍ନରେ ତା'ର ଟିକିଏ ହେଲେ ବ୍ୟତିକ୍ରମ ହେଉନି । ଯେତେବେଳେ ସୁରେନ୍ଦ୍ରର ଖାଇବା ଦରକାର, ସେତେବେଳେ ସବୁ ସେ ଯୋଗାଇ ଦେଉଛି । ଅଫିସ୍ ଯିବା ବେଳେ ଜାମାରକୁ ସାଇକେଲ୍ କାଢ଼ି ଦେଉଛି । ସୁରେନ୍ଦ୍ର ଦେହରେ ସାର୍ଟ ଦେଲେ ସେ ବୋତାମ ଲଗାଇ ଦେଉଛି । ପୁଣି ଜୋତାରେ ପଲିସ୍ ଲଗାଉଛି, ଫିତା ବାନ୍ଧି ଦେଉଛି ।

ସୁରେନ୍ଦ୍ର ଅଫିସ୍ ଯାଏ...

କ୍ୱାଟର ଭିତରୁ ଅଞ୍ଜଳୀ କବାଟ ଲଗାଏ । ବାସନ କୁସନ ମାଜେ ଧୁଏ । ତା'ପରେ ନିଜେ ଖାଏ । ଖାଇ ସାରି ଉପନ୍ୟାସ ପଢ଼େ । ଖଟ ଉପରେ ଶୁଏ ।

ଉପନ୍ୟାସ ପଢ଼ା ବି ସରିଯାଏ । ଆଉ କିଛି ଚିନ୍ତାକୁ ପାଖରେ ନ ଥିଲେ ସେ ଆଖି ମୁଦି ଖଟବେଳ ହାତେ ଖଟ ଉପରେ ଶୁଏ ଶୋଇଥିଲା ବେଳେ ସେ ଭାବେ--ଆଜି ଏଠାରେ ଅଞ୍ଜଳୀ ସେ ନାହିଁ—ଆଜି ଜଣକର ସେ ସ୍ତ୍ରୀ, ଆଉ ବଧୂ । ସେ ଏଠାରେ ଥିଲା ଛାତ୍ରୀ—ତା'ପରେ ହେଲା ଗାଁ ପ୍ରାଥମିକ ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ । ସେତେବେଳେ ବୟସ ଥିଲା ମୋଟେ ତା'ର ସତର କି ଅଠର । ସେଇ ବୟସରେ ଦେବ ଭାଇର ରୂପ ତା' ମନରାଜ୍ୟକୁ ସଂପୂର୍ଣ୍ଣ ରୂପେ ମାଡ଼ି ବସିଥିଲା । ସେଇ ମନ ଭିତରେ ସେ ଥିଲେ ତା'ର ଆଜିକାର ସ୍ୱାମୀ—ଆଜିକାର ଦେବତା । ଦେବଭାଇଙ୍କୁ ନେଇ କେତେ ସେ କଳ୍ପନାର ବୁଢ଼ୀଆଣୀ ଜାଲ ବୁଣିଛି—ସେଇ ଜାଲି ବୁଣିବା ବେଳେ, ମନର ସମୁଦ୍ରରେ କେତେ ଢେଉ ଉଠିଛି—ପଡ଼ିଛି । ହେଲେ ସେଇ ଭାବନା ଭିତରେ, ଜଣକର ଘରଣୀ ହୋଇ ଏଇମିତି ଏକାକୀ ନିଛାଟିଆ ଘର ଭିତରେ ରହିବାର କଳ୍ପନା କେବେ ସେ କରି ନ ଥିଲା । ତା'ର ଆଖିରେ ଦେବଭାଇ ସେତେବେଳେ ଥିଲେ

ଅତି ଉଦାର, ସୁନ୍ଦର । ତା' ମନପ୍ରାଣକୁ ଟାଣି ନେବାରେ ସେ ଥିଲେ ଏକମାତ୍ର ଯୁବକ । ଅଜି କିନ୍ତୁ କ'ଣ ହୋଇଛି ? ବୋଉ ଯେତେବେଳେ ତା'ର ବିବାହ ପ୍ରସ୍ତାବ ପକାଉଥିଲା, ସେତେବେଳେ ଓ ରେ ବର ପାତ୍ରଙ୍କର ନାମ ତା'ର ଆଗରେ ସେ କହୁଥିଲା । କହୁଥିଲା ଅମୁକ ପଢୁଛି ଡାକ୍ତରୀ, ଅମୁକ ପଢୁଛି ଇଂଜିନିୟରିଂ, ଆଉ ଅମୁକ ପଢୁଛି ଆଇନ୍—ସେଇ ସବୁ କଥା କହୁଥିଲା ବେଳେ ଚିତ୍ତ ତା'ର ଚହଲି ଯାଉଥିଲା । କୁମାରୀ ମନ ତା'ର କୁଳ କିନାର ପାଉ ନ ଥିଲା ।

ଏଇମିତି ଭାବୁଛି । ପୁଣି ମନେ ପଡ଼ିଲା ତା'ର ପିଲାଦିନର ସ୍ମୃତି । ପିଲାବେଳେ, ବୋହୂ ବୋହୂକା ଖେଳ ହେଉଥିଲା—ମିଛି ମିଛିକା ବିବାହ ବେଦୀ ବନ୍ଧା ହେଉଥିଲା । ସେ ବିବାହରେ ଦେବଭାଇ ହେଉଥିଲେ ବର । ସେ ହେଉଥିଲା କନ୍ୟା । ଘର ସଂସାର ବିଷୟରେ, ସ୍ୱାମୀ-ସ୍ତ୍ରୀ ସଂପର୍କରେ ସେତେବେଳେ ସେମାନଙ୍କର ଆଦୌ ଧାରଣା ନ ଥିଲା । କିନ୍ତୁ ଘରର ଏକ କୋଣରେ ହେଁସ ଆଢୁଆ ହୋଇ ଘର ତିଆରି ହେଉଥିଲା । ସେ ଟିକି ଓଢ଼ଣା ଟାଣି ଦେବ ଭାଇଙ୍କୁ ଲାଜ କରୁଥିଲା... କୁଆଡ଼େ ଗଲା ସେ ଦିନ ? କୁଆଡ଼େ ଗଲା ସେ ସ୍ମୃତି ? କୁଆଡେ ପୁଣି ଗଲେ ଦେବ ଭାଇ ?

ଅଂଜଳୀ ଭାବୁଛି ଆଜି କାହାର ସେ ସ୍ତ୍ରୀ ହୋଇଛି ? କାହାର ଆଜି ଘରଣୀ ହୋଇଛି ? ଦେବଭାଇଙ୍କର ନା ନିଜ ହାତ ଧରି ବିବାହ କରିଥିବା ପୁରୁଷଙ୍କର ? ପିଲାଦିନେ ଟିକି ଓଢଣା ଟାଣି ହେଁସ ଆଢୁଆ ଘର ଭିତରେ ସେ ଯେପରି ଆନନ୍ଦ ଅନୁଭବ କରୁଥିଲା, ଆଜି ସେ ଆନନ୍ଦ, ସେ କୌତୁହଳ କ'ଣ ତାକୁ ମିଳୁଛି ? ଗୋଟିଏ ଘରେ ସ୍ୱାମୀ ସ୍ତ୍ରୀ ରହୁଛନ୍ତି—ସ୍ୱାଧୀନ ଭାବରେ ଗପ, ସପ କରୁଛନ୍ତି—ପ୍ରୀତି ରସ ଲୁଣ୍ଠୁଛନ୍ତି—କିନ୍ତୁ ସେ ଦିନର ସେଇ ଅସ୍ତିତ୍ୱ କାହିଁ ? ମିଛି ମିଛିକା ବିବାହ ସୂତ୍ରରେ ପରିଣତ ହୋଇଛି—ମିଛି ମିଛିକା

ସ୍ୱାମୀ ସତ ସ୍ୱାମୀ ରୂପେ ଦେଖା ଦେଉଛନ୍ତି । କିନ୍ତୁ ସେ ପ୍ରାଣ-ପ୍ରାଚୁର୍ଯ୍ୟ କାହିଁ ? ମିଛୁଠାହିଁ ବେଶୀ ଆନନ୍ଦ ଦିଏ, ବେଶୀ ପୁଲକ ସୃଷ୍ଟି କରେ ।

ସତ୍ୟଠା ବାସ୍ତବ । ବାସ୍ତବଠା ଆନନ୍ଦ ଦିଏନି, ବରଂ ଯନ୍ତ୍ରଣା ଦିଏ, କ୍ଳାନ୍ତି ବୋଧ କରାଏ

କାହିଁକି ସେ ଏଇମିତି ଭାବୁଛି ? ନିଜ ମନକୁ ଆୟତ୍ତ କରିବାକୁ ସେ ଚେଷ୍ଟା କରେ । କିନ୍ତୁ ପାରେନା । ଦେବ ଭାଇର ରୂପ ବେଶୀ ବେଶୀ ତା' ଆଖି ଆଗରେ ନାଚି ଉଠେ । ରାତିରେ ସ୍ୱାମୀଙ୍କ ପାଖରେ ଶୋଇଥିଲା ବେଳେ, ଦେବଭାଇଙ୍କୁ ସେ ଦିନେ ଦିନେ ସ୍ୱପ୍ନ ଦେଖେ । ସ୍ୱପ୍ନ ଦେଖେ, ସେଇ ପିଲାଦିନର ବାହାଘର— ସତେ ଯେପରି ସେମାନେ ସ୍ତ୍ରୀ ଆଉ ସ୍ୱାମୀ ପରି ଲାଗି ଲାଗି ହୋଇ ଶୋଇଛନ୍ତି—କଥାବାର୍ତ୍ତା କରୁଛନ୍ତି—ଅଯଥା ଗପର ଲହଡ଼ି ଭାଙ୍ଗୁଛନ୍ତି । ହଠାତ୍ ନିଦ ଭାଙ୍ଗିଯାଏ । ସେଇ ଆବେଶ ନେଇ ପାଖରେ ଶୋଇଥିବା ନିଜ ସ୍ୱାମୀଙ୍କୁ ସେ କୁଣ୍ଢାଇ ପକାଏ । ସୁରେନ୍ଦ୍ରର ନିଦ ଭାଙ୍ଗିଯାଏ । କହିଉଠେ—ତରୁଚ ଅଞ୍ଜଳି । ଅଞ୍ଜଳି କହେ, ନାଇଁ । ସେ ଭାବୁଛି, କାହିଁକି ଏ ସପନ ସେ ଦେଖେ ? ସ୍ୱାମୀ ଅଛନ୍ତି— ତାଙ୍କର ପାଖରେ ସେ ଶୋଇଛି । ତାଙ୍କର ଦେହକୁ ଦେହ ଲାଗି ଶୋଇଥିଲା ବେଳେ ସେ ପୁଣି କାହିଁକି ଦେବ ଭାଇଙ୍କୁ ସପନ ଦେଖୁଛି ? କାହିଁକି ?? ଦେବଭାଇ ! ତମେ ଆଜିର କାହିଁକି ଆସୁଛ ? ମନର ଖତ ଉପରେ ତୁମେ କାହିଁକି ବେଳେ ବେଳେ ଚୂନ ଲଗାଉଚ ? କ'ଣ ତମର ଇଚ୍ଛା ? ତମେ ତ ବାହା ହୋଇଛ । ସଂସାର କରିଛ । ତମେ ତମ ସ୍ତ୍ରୀ ପାଖରେ ଶୋଇଥିଲା ବେଳେ ଏଇଭଳି କ'ଣ ଚମକି ପଡ଼ ? ସେଇ ଆବେଗ ଓ ଭାବାବେଶ ନେଇ ତାଙ୍କୁ କ'ଣ କୁଣ୍ଢାଇ ପକାଅ ?

ଛି, ଛି, ତା'ର ସ୍ୱାମୀ ଅଛନ୍ତି । ସ୍ୱାମୀ ନୁହଁନ୍ତି ତ ଦେବତା— ସେ କାହିଁକି ଅଉ ଦେବଭାଇ କଥା ଭାବୁଛି ? ସେ ପର, ସାତପର—

ପର ପୁରୁଷ । ପର ପୁରୁଷକୁ ମନ ଭିତରେ ସ୍ଥାନ ଦେଲେ, ମହା ପାପ ହୁଏ । ତେଣୁ ସେ କାହିଁକି ତାଙ୍କ କଥା ଭାବୁଛି ? ସେ ତ ଅପେ ଆପେ ଭାବୁନି—ସେ ଗୁଆଁକୁ ଆସି ମନେ ପଡ଼ୁଛନ୍ତି ।

ସ୍ୱାମୀ କେଡ଼େ ଶାନ୍ତ ! କେତେ ଉଦାର ! ! ସେ ତା' ଦେହ ଆଉ ମନକୁ ସ୍ୱାମୀଙ୍କ ପୂର୍ବରୁ ଦେବଭାଇଙ୍କ ପାଖରେ ସଅଁପି ଦେଇଥିଲା । ସଅଁପି ଦେଲାପରେ ଯାହା ଅବଶିଷ୍ଟ ରହିଲା, ସେଇତକ ପାଇ, ସେ କେବେ ହେଲେ ଅସନ୍ତୁଷ୍ଟ ହୋଇଁ ନାହାନ୍ତି—ଘୃଣା କରି ନାହାନ୍ତି । ତା'ର ଯେତେବେଳେ ମନ ଦୁଃଖ ହୁଏ, ସେ ବ୍ୟସ୍ତ ହୋଇ ଉଠନ୍ତି । ତା'ର ଓଠରେ ହସ ଖେଳାଇବା ପାଇଁ ସେ କେତେ ଉଦ୍ୟମ ଆରମ୍ଭ କରନ୍ତି ! ତେଣୁ କେଡ଼େ ମହାନ୍ ସେ ! କେଡ଼େ ପୂଜ୍ୟ ! ! କେତେ ସମ୍ମାନାସ୍ପଦ ! ! ଏଡ଼େ ମହାନ୍, ଏଡ଼େ ପୂଜ୍ୟ ବ୍ୟକ୍ତିଙ୍କୁ ସେ ସ୍ୱାମୀ ରୂପରେ ପାଇ ଆଉ କାହିଁକି ସେ ସବୁ କଥାଗୁଡ଼ା ଭାବୁଛି ? ନାଁ, ଆଉ ସେ ଭାବିବ ନାହିଁ—ଗଲା ଦିନର ସ୍ମୃତି ଗୁଡ଼ାକ ମନ ଭିତରେ ସେ ଆଉ ଖେଳାଇ ବସିବନି । ତାଙ୍କର କଥାକୁ, ତାଙ୍କର ରୂପକୁ, ତା'ର ଚଲାବାଟରେ ସମ୍ବଳ କରି ସେ ଆଗେଇ ଚାଲିବ । ବିବାହିତ ଜୀବନର ସବୁ ସୁଖ, ସବୁ ସଂଭୋଗକୁ ସେ ଉପଭୋଗ କରି କାଳ କାଟିବ । ଏହିମିତି ସେ ଭାବେ—

ଦିନ ଯାଏ..............

ଥରେ । ସେଦିନ କଟକ ସହରର ବୁକୁରେ ସଞ୍ଜ ଓହ୍ଲାଇ ଆସିଥିଲା । କଟକ ସହରର ପ୍ରଶସ୍ତ ରାସ୍ତାର ଛାତି ଉପରେ ବିଜୁଳିବତୀ ସବୁ ଜଳି ଉଠିଥିଲା—ରାସ୍ତାରେ ରାସ୍ତାରେ ଅସମ୍ଭବ ଭିଡ଼ ବି ଜମି ଉଠିଥିଲା—

ସୁରେନ୍ଦ୍ର ଆଉ ଅଂଜଳି ସିନେମା ଯିବା ପାଇଁ ବାହାରିଛନ୍ତି । ଗୋଟିଏ ରିକ୍ସାରେ ବସିଛନ୍ତି । ରିକ୍ସା ସିନେମା ଆଡ଼େ ଚାଲିଛି ।

ରିକ୍ସା ଚାଲିଥିଲା ବେଳେ ଅଂଜଳୀ ସେଇ ପ୍ରଶସ୍ତ ରାସ୍ତାକୁ ଅନାଇଁ ଅନାଇଁ ଚାଲିଛି । ଭିଡ ଜମେଇ ନାନା ରାସ୍ତାରେ ଚାଲିଥିବା ଲୋକଙ୍କୁ ନିରୀକ୍ଷଣ କରି କରି ସିନେମା ଆଡ଼େ ଚାଲିଛି । କେବଳ ସେଦିନ ନୁହେଁ, ଯେଉଁ ଥର ସ୍ୱାମୀଙ୍କ ସହ କଟକ ରାସ୍ତାରେ ଚାଲି ଚାଲି ସେ ବୁଲେ, ସିଏ ଖାଲି ମଣିଷଙ୍କୁ ଅନାଏଁ । କେତେବେଳେ ଅନ୍ୟମନସ୍କ ହୋଇ ଝୁଣ୍ଟି ପଡ଼େ । ସ୍ୱାମୀ ଏଇ ଅସାବଧାନତା ହେତୁରୁ ତାକୁ ମିଠା କଡ଼ା ଗାଳି ଦିଅନ୍ତି—ସେ ପୁଣି ସଚେତ ହୋଇ ଉଠେ ।

ରାସ୍ତାରେ ଭିଡ ଜମେଇ ଚାଲିଥିବା ଲୋକଙ୍କୁ କାହିଁକି ସେ ଚାହେଁ କେଜାଣି ? ଆଖି ଦି'ଟା ତା'ର କାହାକୁ ଖୋଜି ବୁଲୁଥାଏ ? ସେ ସେଥିରୁ କ'ଣ ପାଏ, ଅଞ୍ଜଳୀ ଜାଣିଥିବ ।

ଦୁହେଁ ସିନେମା ନିକଟରେ ପହଞ୍ଚିଲେ । ଛବି ଦେଖିବା ପାଇଁ ସେଦିନ ସିନେମା ନିକଟରେ ଭାରି ଭିଡ । ଟିକେଟ୍ କିଣିବା ପାଇଁ ଠେଲା ଠେଲି, ପେଲା ପେଲି । ସ୍ୱାମୀ ତା'ର ଟିକେଟ୍ ଆଣିବା ପାଇଁ ଗଲେ । ସେ ଠିଆ ରହିଲା ସିନେମା ଗୃହର ଗୋଟିଏ କୋଣରେ—

ସେ ଠିଆ ହୋଇଛି । ତା'ର ପାଖ ଦେଇ କିଏ ଜଣେ ଯୁବକ ଚାଲିଗଲା । ସେ ଭାବିଲା, ଦେବ ଭାଇକି ଆଉ ! ସତେ ତ, ତାଙ୍କର ପରି ଚାଲି । ତାଙ୍କର ପରି ବାଳ ଉପରକୁ ଭାଙ୍ଗିଛନ୍ତି । ସାର୍ଟ୍ ଉପରେ ପ୍ୟାଣ୍ଟ୍ ପିନ୍ଧିଛନ୍ତି । ଡବଲକପ୍ ସାର୍ଟକୁ କହୁଣୀ ପର୍ଯ୍ୟନ୍ତ ଭାଙ୍ଗିଛନ୍ତି ।

ଦେହ ଭିତରେ ସତେ ଯେମିତି ତା'ର ଏକ ସ୍ପନ୍ଦ କମ୍ପିଗଲା । ସେଇ ଯୁବକଟିକୁ ଡାକିବା ପାଇଁ ସେ ବ୍ୟଗ୍ର ହୋଇ ଉଠିଲା । କୁଆଡ଼େ ଗଲେ ସେ ! ସେଇ ଜନ-ସମୁଦ୍ର ଭିତରେ ପୁଣି ମିଳାଇ ଗଲେ ସେ—ଆଉ କ'ଣ ଫେରିବେନି ସେ ? ତାଙ୍କ ବିଷୟରେ ନିଶ୍ଚିତ ଧାରଣା ସେ ନେଇ ପାରିଲାନି । ମନଟା ତା'ର ଖାଲି ଛନ ଛନ ହେଲା ।

— ସନ୍ଧ୍ୟାବନ୍ଦନ —

ଭାବିଲା, ଦେବଭାଇ ଏଠିକି ଅସିଲେ କେମିତ ? ଭୁବନେଶ୍ୱରରେ ସେ ରହନ୍ତି—ଏଠିକି କ'ଣ ଯୁ'ା ଭିତରେ ଟ୍ରେ ବଦ୍ଲି ହୋଇ ଆସିଲେଣି ? ହଁ, ହୋଇପାରେ—ଏଇ ଦୁଇ ବର୍ଷ ହେଲା ତାଙ୍କ ବିଷୟରେ ସେ କିଛି ହେଲେ ତ ଖବର ରଖି ପାରିନି ! ହଁ ଅସିଥିବେ । ନହେଲେ ବୁଲି ଆସିଥିବେ । ଭୁବନେଶ୍ୱରରୁ କଟକ କେତେ ଅବା ବାଟ—ଆଜି ପୁଣି ଛୁଟି । ହୁଏତ ସାଙ୍ଗ ସାଥିଙ୍କ ପାଖକୁ ବୁଲି ଆସି ଆଜି ସିନେମା ଦେଖି ଅସି ପାରିଥାନ୍ତି ।

ସେ ଏଇ ବାଟେ ଚାଲି ଗଲେ ତାଙ୍କୁ କଣ ସେ ଦେଖିଲେନି ? ହଁ ଦେଖିଥିବେ—ବୋଧେ ଚିହ୍ନି ପାରି ନ ଥିବେ । ଚିହ୍ନି ନ ପାରିବାର କାରଣ ବା କଣ ଅଛି ? ତା' ରୂପରେ ସେମିତି ତ କିଛି ପରିବର୍ତ୍ତନ ହୋଇନାହିଁ ? ପରିବର୍ତ୍ତନ ଭିତରେ ସେ ବୋହୂଟିଏ ହୋଇଛି — ମଥାରେ ସିନ୍ଦୂର ଘେନିଛି । ତା' ଛଡା ଆଉ କଣ ହୋଇଛି ?

ନାଁ, ଦେଖିଥିଲେ କ'ଣ ସେ ଅଟକି ଯାଇ ନଥାନ୍ତେ ? ନିଶ୍ଚୟ ଥମି ଥାଆନ୍ତେ—ଯେତ ତାଙ୍କର ଜଠି ନଥାନ୍ତା । ଏଇମିତି ଭାବି ମନଟା ତା'ର ଗୋଳେଇ ଘାଣ୍ଟି ହେଲା । ସୁରେନ୍ଦ୍ର ଟିକେଟ୍ ଧରି ଆସି ପହଞ୍ଚିଲା ।

ଦୁହେଁ ପ୍ରେକ୍ଷାଳୟ ଭିତରକୁ ଗଲେ । ଛବି ଚାଲିଲା । ଦୁହେଁ ସିନେମା ଦେଖିଲେ । ରିଲ୍ ପରେ ରିଲ୍ ଗଡି ଚାଲିଛି......

ଅଞ୍ଜଳୀ ଆଉ ଛବି ଦେଖି ପାରୁନି । ମଝି ମଝି କରି ସେଇ ଛବି ଗୁଡ଼ାକୁ ସେ ଯାହା ଚାହିଁଛି । ଖାଲି ତା'ର ମନେପଡୁଛି ଦେବ ଭାଇଙ୍କର କଥା । ଅତୀତ ଜୀବନର ସବୁ କଥା । ଛାତି ଭିତରଟା ତା'ର ମନ୍ଥି ହୋଇଯାଉଛି । ପ୍ରେକ୍ଷାଳୟର ଅଂଧକାର ଭିତରେ ସେ ବସି ଛବି ଦେଖୁଥିଲେ ସୁଦ୍ଧା, ସେଇ ଅନ୍ଧକାର ଭିତରେ ଅଖି ଦୁ'ଟା ତା'ର

ଘୁରି ବୁଲୁଛନ୍ତି । ସିନେମା ଦେଖି ପାରୁନି । ଉପଭୋଗ କରି ପାରୁନି ! କେଉଁଠି ରହୁଛନ୍ତି ଦେବଭାଇ ? କାହିଁ ସେଇ ଅତୀତର ଦେବଭାଇ ?

ନାଁ, ତାଙ୍କୁ ଦେଖି ହେଲାନି; ଦେଖି ହେବନି ବି—ସ୍ୱାମୀଙ୍କ ସାଙ୍ଗରେ ଛବି ଦେଖିବାକୁ ଆସି ମଧ୍ୟ ଛବି ଦେଖା ହୋଇ ପାରିଲାନି !

ସିନେମା ଭାଙ୍ଗିଲା । ଦୁହେଁ ଫେରିଲେ ନିଜ ବସାକୁ......

ଦେବେନ୍ଦ୍ର ଭୁବନେଶ୍ୱରରୁ କଟକ ବଦଳି ହୋଇ ଆସିବାର ପ୍ରାୟ ତିନି ମାସ ହୋଇ ଗଲାଣି । ଏବେ ଶେଫାଳୀକୁ ସାଙ୍ଗରେ ସେ ଆଣିଛନ୍ତି, ବସାଘରେ ରହୁ ଚାଲୁଛନ୍ତି ।

ଶେଫାଳୀ କଟକ ଆସିଲା ଦିନଠାରୁ ଭାବୁଛନ୍ତି ସୁରେନ୍ଦ୍ରର କଥା । କାହିଁ ସୁରଭାଇ ? ଏଇଠି ପରା ସେ ରହନ୍ତି ? ଚାକିରି କରନ୍ତି ? ସ୍ୱାମୀ ଅଫିସକୁ ଗଲା ପରେ ନିଜ ବସା ଘରର ଝରକା ଖୋଲି କେତେ ସେ ବାହାରକୁ ଚାହିଁଛନ୍ତି, ବସା ଆଗର ରାଜରାସ୍ତା ଉପରେ କେତେ ଲୋକ ଯା' ଆସ କରନ୍ତି—ସେଇ ଯା' ଆସ କରୁଥିବା ଲୋକଙ୍କ ଭିତରୁ ସୁର ଭାଇଙ୍କୁ ସେ ଖୋଜି—ପାଏନି ।

କେଉଁଠି ତାଙ୍କର ବସା ? କଟକର କେଉଁ ଜାଗାରେ ସେ ରହୁଛନ୍ତି ? କାହାକୁ ପଚାରିବେ ? କାହାକୁ ପଚାରି ତାଙ୍କର ସନ୍ଧାନ ନେବ ! ଖୋଜି ନେଲେ, ସନ୍ଧାନ ପାଇଲେ କ'ଣ ବା ସେ କରିବ ? ବହି ଯାଇଥିବା ନଈର ସୁଅକୁ ସେ କ'ଣ ଫେରାଇ ଆଣି ପାରିବ ?

ପଚାରିବ କି ନିଜ ସ୍ୱାମୀଙ୍କୁ ? କ'ଣ କହି ପଚାରିବ ? ସୁର ଭାଇ ତା'ର କିଏ ? ରକ୍ତର ସମ୍ପର୍କ ମୋଟେ ତ ନାହିଁ—ବନ୍ଧୁ ନୁହେଁ—ପିଉସୀ ପୁଅ କି ମାଉସୀ ପୁଅ ଭାଇବି ନୁହେଁ—ନିଜ ଗାଁର

ଲୋକ । ନିଜର ଗାଁ ଲୋକଙ୍କୁ କିଏ ଏତେ ପଚାରେ ? ଗାଁରେ ଥିଲେ, ଯାହା ତାହା ଏକ ମମତା ଥାଏ । ସହରକୁ ଆସିଲେ କିଏ କାହାକୁ ପଚାରେ ? ଆପଣାର ସ୍ୱାର୍ଥ ପାଇଁ ସମସ୍ତେ ଧାଆଁନ୍ତି । ଦୌଡ଼ ଧାପଡ଼ କରନ୍ତି । ସେଇ ଗାଁ ଲୋକଙ୍କ ଭିତରୁ ସୁର ଭାଇ ତ ଜଣେ ! ସେ କାହିଁକି ତା'ର ମନକୁ ମନ ପଚାରୁଛି ? ଭାବ ହେଉଛି ?

ହେଲେ ସ୍ୱାମୀଙ୍କୁ ସେ କିଛି କହି ପାରେନା । ତାଙ୍କର ଉଦାର ଗମ୍ଭୀର ମୂର୍ତ୍ତି ପାଖରେ ସେ ହାର ମାନେ । ସୁରେନ୍ଦ୍ରର ସ୍ନେହ ସୋହାଗର ବନ୍ୟା ଭିତରେ ସେ ବହୁ ଦୂରକୁ ଭାସି ଭାସି ଯାଏ । ତେଣୁ ପଚାରିବାକୁ ସେ ଅବସର ପାଏନା । ସାହସ ମଧ୍ୟ ତା'ର ଅନେଇନା ।

ସେଥର କଟକ ସହରରେ ଏକ ଭାରତ-ବିଖ୍ୟାତ ସର୍କସର କ୍ୟାମ୍ପ ପଡ଼ିଥାଏ । କେବଳ ସହରର ଲୋକ ନୁହନ୍ତି, ମଫସଲରୁ ଧାଡ଼ି ବାନ୍ଧି ଲୋକ ଆସି ସର୍କସ ପାଖରେ ଭିଡ଼ ଜମାଉଥାନ୍ତି ।

ସେ ଦିନ ଥିଲା ରବିବାର..............

ସର୍କସ ପାଖରେ ଆହୁରି ଭିଡ଼ ଜମିଛି । ଦୁଇଟି ସୋ ବଦଳରେ ସର୍କସ୍‌ର କର୍ତ୍ତୃପକ୍ଷ ତିନୋଟି ସୋ ଦେଖାଇବାର ଆୟୋଜନ କରିଛନ୍ତି ।

ଦେବେନ୍ଦ୍ର ଆଉ ଶେଫାଳୀ ପ୍ରଥମ ସୋ ଦେଖିବାକୁ ଆସିଛନ୍ତି । ସର୍କସର ଅଦ୍ଭୁତ ଓ ବିସ୍ମୟକର ଖେଳ ଦେଖିବା ପାଇଁ ଶେଫାଳୀର ମନରେ ଆଗ୍ରହ ବଢ଼ିଛି । ଦେବେନ୍ଦ୍ର ଓ ଶେଫାଳୀ ଲୋକ ଠେଲି ଠେଲି ଆଗକୁ ଆଗକୁ ଚାଲିଛନ୍ତି ।

ଲୋକ ଠେଲି ଠେଲି ସେମାନେ ଯାଇ ସର୍କସ ଭିତରେ ପହଞ୍ଚିଲେ । ଦେଖିଲେ ପ୍ରଶସ୍ତ ଥାନ—ବହୁ ଲୋକ ସେମାନଙ୍କ ପୂର୍ବରୁ ବସିଛନ୍ତି । ଖେଳ ଆରମ୍ଭ ହେବାକୁ ଆହୁରି ଅଧ ଘଣ୍ଟେ ବାକି ଅଛି ।

ସେମାନେ ଯାଇ ବସିଲେ । ଆଗକୁ ପଛକୁ ଅନାଇଲେ । ଦେବେନ୍ଦ୍ର ଧୀର ସ୍ଥିର ହୋଇ ବସିଲା । ଶେଫାଳୀ ବି ସ୍ୱାମୀଙ୍କ ପାଖକୁ ଲଗି ହୋଇ ବସିଲା । ଦୁହେଁ କଥାବାର୍ତ୍ତା ବି ହେଲେ ।

ଠିକ୍ ସେମାନଙ୍କ ଆଗକୁ ବସିଛନ୍ତି ସୁରେନ୍ଦ୍ର ଆଉ ଅଞ୍ଜଳୀ । ଏଇମାନଙ୍କ ପରି ସେ ଦୁହେଁ ବି ଗପରେ ମସ୍ଗୁଲ ହେଇଛନ୍ତି । ସର୍କସ ଭିତରଟା ଘୋ ଘୋରେ ସତେ ଅବା ଫାଟି ପଡୁଛି ।

ସର୍କସ ଆରମ୍ଭ ହେବାକୁ ଆଉ ମୋଟେ ପାଞ୍ଚ ମିନିଟ୍ ବାକି ଅଛି······ସୁରେନ୍ଦ୍ର ଚାହିଁ ଦେଲା ପଛକୁ । ଦେଖିଲା, ଶେଫାଳୀ ବସିଛି, ପାଖରେ ତା'ର ଆଉ ଜଣେ—ସ୍ୱାମୀ ବୋଧେ । କୋଡରେ ତା'ର କିଏ ? ସେଇ ଝିଅ ପିଲାଟି ? ସର୍କସ୍‌ର ସେଇ ଦୀପ୍ତ ବିଜୁଳୀ ଆଲୁଅରେ ତା' ଆଖି ଝାପ୍‌ସା ମାରି ଗଲା ପରି ସେ ଅନୁଭବ କଲା । କ'ଣ ଓ କାହାକୁ ସେ ଦେଖୁଛି, ନିଜେ ସେ ଅନୁମାନ କରି ପାରୁନି । ଖାଲି ଚାହିଁଛି, ଆଉ ଚାହିଁଛି ।

ଶେଫାଳୀ ଛାତି ଭିତରଟା ମନ୍ଥି ହୋଇଗଲା—କିଏ ସେ ଏ ? କ'ଣ ସେ ଦେଖୁଛି ? ସୁଇ ଭାଇ ! ହଁ, ହଁ ସତେ ତ ସୁଇଭାଇ ! ସେଇ ଆଖି, ସେଇ ନାକ, ସେଇ ଓଠ, ସେଇ ନିଶ ! ସେ ମଝେ ମଝେ କିଇ ସେମିତି ବି ଚାହିଁଛି ।

ଅଞ୍ଜଳୀ ଚାହିଁଦେଲା ପଛକୁ । କାହାକୁ ସେ ଦେଖୁଛି ! ଦେବ ଭାଇ ? ହଁ, ସତେ ତ ଦେବ ଭାଇ—ଏ କିଏ ? ତାଙ୍କ ସ୍ତ୍ରୀ ? କାହାକୁ ସେ ମଝେ ମଝେ କରି ଚାହିଁଛି ? କାହିଁକି ସେ ସିମିତ ଅନାଉଁଛି ? ମନ ଭିତରେ ତା'ର ଚଉଲା ଝଡଟିଏ ବହିଯାଉଛି— ଦେବେନ୍ଦ୍ର ଆଡକୁ ସେ ବି ମଝେ ମଝେ କରି ଅନାଉଁଛି—ପଛ କରି ।

ଦେବେନ୍ଦ୍ର କ'ଣ ଦେଖୁଛି ? କାହାକୁ ଦେଖୁଛି ? ଅଞ୍ଜଳୀ ? ପାଖରେ କିଏ ତା'ର ବସିଛନ୍ତି ? ସେ କ'ଣ ପଛକୁ ଅନାଉଁଛନ୍ତି

ସେ ଚିହ୍ନିଛନ୍ତି କି ତାଙ୍କୁ ? ନାଁ ତ; ମୋଟେ ଦେଖାସାକ୍ଷାତ ନାହିଁ—ଅଞ୍ଜଳୀକୁ ସେ ମଧ୍ୟ ମିଠି ମିଠି କରି ଅନାଉଁଛନ୍ତି ।

ଗୁରୁତେଷ୍ଟି ପ୍ରାଣତଳେ ଭାବାବେଗର ଝଡ଼ ଉଠିଛି—କେହି କାହାରିକୁ କିଛି କହିପାରୁ ନାହାନ୍ତି । ସବୁଙ୍କ ଭିତରେ ଲୋକାରଣ୍ୟ—କଳକୋଳାହଳ ।

ହଠାତ୍ ଶେଫାଳୀ ଉଠି ପଡ଼ିଲା ତା' ଚେୟାରରୁ । ନିଜ ପୁଅକୁ ସ୍ୱାମୀଙ୍କ କୋଳରେ ଛାଡ଼ିଦେଇ ସୁରେନ୍ଦ୍ରକୁ ସେଇମିତି ଅବସ୍ଥାରେ ନମସ୍କାର ଜଣାଇ କହିଲା—ସୁରି ଭାଇ, ତମେ ଏଇଠି ଅଛ, ଚିହ୍ନା ପରିଚୟ ଦେଉନ କମିତି ମ ? ତମେ ଏତେ ଠକ ?

ଏତିକି କହି ନିଜ ସ୍ୱାମୀଙ୍କ ସହ ସେ ତାଙ୍କୁ ପରିଚିତ କରାଇବାକୁ ଯାଉଛି, ଅଞ୍ଜଳୀ ଉଠି ପଡ଼ିଲା । ଦେବେନ୍ଦ୍ରକୁ ନମସ୍କାର ଜଣାଇଲା । କହିଲା—ଏଇଠି ବସିଛ ଚିହ୍ନା ପରିଚୟ ଦେଉନା କମିତି ମ ?

ସୁରେନ୍ଦ୍ର ଆଉ ଦେବେନ୍ଦ୍ର ପରିଚିତ ହେଲେ । ହାତଯୋଡ଼ା ଯୋଡ଼ ହୋଇ ନମସ୍କାର ବି ଦିଆ ନିଆ ହେଲେ । ଶେଫାଳୀ ଆଉ ଅଞ୍ଜଳୀ ବି ପରିଚିତ ହେଲେ । ଓଠରେ ମୃଦୁ-ହସର ପାଖୁଡ଼ା ମେଲି ଆପଣା ଆପଣା ଭିତରେ କଥାବାର୍ତ୍ତା କରିବାକୁ ଲାଗିଲେ ।

ଶେଫାଳୀର ପୁଅକୁ ଆଣି ସୁରେନ୍ଦ୍ର ଧରିଲା ତା' ନିଜ କୋଡ଼ରେ । ଅଞ୍ଜଳୀ କୋଡ଼ରେ କିଛି ନାହିଁ—କାହାକୁ ଆଣି ଧରିବ ଦେବେନ୍ଦ୍ର ?

ଦେବେନ୍ଦ୍ରର ମନ ସତେ ଯେପରି ଅସହାୟ ହୋଇ ଉଠୁଥିଲା । ସେଇଟା ଅସହାୟତା କି ଆଉ କ'ଣ, ପ୍ରକୃତରେ ସତ କରି ସେ ଅନୁଭବ କରି ପାରୁନି । ଭାବୁଛି, କାହିଁକି ସେ ଅସନ୍ତୁଷ୍ଟ ହେବ ? ତା'ରି ରକ୍ତର ସ୍ୱାକ୍ଷର ନେଇ ତା'ର ନିଜର ପୁଅ ହୋଇଛି । ବାବା ବାବା ଡାକିବା ଆରମ୍ଭ କରିଛି—କେବେ କେବେ ନାଚିକୁଦି ମଞ୍ଜୁଳା ଆଉ ଦୁହିଁଙ୍କୁ ତ ଅସନା କରୁଛି ।

କିନ୍ତୁ ତା' ସଙ୍ଗେ ଆଜି ସେ କାହିଁକି ଏଇମିତି ଅନୁଭବ କରୁଛି ? ଅଞ୍ଜଳୀର ପୁଅଟିଏ କି ଝିଅଟିଏ ଦେଖିବା ପାଇଁ କୋଳ କରିବ ପାଇଁ ତା' ମନ କାହିଁକି ଇମିତି ଛଟପିଟ ହେଉଛି ? ତା'ର ଦେହ ଭିତରୁ ଜନ୍ମ ନେଇଥିବା ଏକ ଶିଶୁକୁ କାଖେଇବା ଓ କୁଣ୍ଢେଇବା ପାଇଁ ସେ କାହିଁକି ଇମିତି ହେଉଛି ? ଦେବେନ୍ଦ୍ରର କୋଳରେ ଶେଫାଳୀର ପୁଅ । ଅଞ୍ଜଳୀ ମଝି ମଝି କରି ଚାହିଁଛି ସେଇ ପୁଅଟି ଆଡ଼କୁ……

ସର୍କସ ଆରମ୍ଭ ହୋଇଗଲା……

ଏଇ ସର୍କସ ଭିତରେ ଗୋଟିଏ ଅନ୍ତର ଆନ୍ଦୋଳିତ ହେଉଛି । ସେ ଦିନ ଅଞ୍ଜଳୀ ସ୍ୱାମୀ ସହ ସିନେମା ଦେଖି ଯାଇଥିଲା--ଦେବଭାଇ ପରି କିଏ ଜଣେ ତା'ର ଆଗ ଦେଇ ଚାଲିଗଲେ—ତାଙ୍କୁ ଦେଖିଲା ପରଠାରୁ ଅଞ୍ଜଳୀ ଆଉ ସିନେମା ଦେଖି ପାରି ନ ଥିଲା । ଛବିଗୁଡ଼ାକୁ ଯାହା ସେ ଜଳ ଜଳ ହୋଇ ଅନାଇଁଥିଲା ।

ସୁରେନ୍ଦ୍ର ସର୍କସ ଆଡ଼େ ଅନାଉଁଛି । କେତେ ଚମତ୍କାର ଖେଳ ଆରମ୍ଭ ହୋଇଛି ।

ଏଇ ଚାରିହେଁ ଯାକ ସେଇ ଆଡ଼କୁ ଅନାଉଁଛନ୍ତି । ଖେଳକୁ ସେମାନେ କ'ଣ ପ୍ରକୃତରେ ଦେଖୁଛନ୍ତି ?

ସୁରେନ୍ଦ୍ର ଭାବୁଛି. କାହାକୁ ସେ ଧରିଛି ? କାହାର ପୁଅ ? ଶେଫାଳୀର ନାଁ ତା'ର ? ସୁନ୍ଦର ପିଲାଟିଏ । ଟିକିଏ ହେଲେ ଅଡୁଆ ପାଉନି । ପର ବୋଲି ଭାବୁନି । ତା'ର ବାପା କୋଳରେ ନାଚକୁଦ ସର୍କସ ଆଡ଼କୁ ଆଉ ଲୋକ ଗହଳିକୁ ଯେମିତି ଅନାଉଁଥିଲା, ତା'ର କୋଳରେ ଠିକ୍ ସେଇମିତି ସେ ହେଉଛି । ନରମ ଲହୁଣୀ ଗାଲକୁ ତା'ର ଦାଢ଼ୀଭରା ଗାଲରେ ଘଷି ଦେଉଛି । ସର୍କସ ଆଡ଼କୁ ଅନାଇ ଦେଇ ବାବା ବାବା କହି ତା' ଦେହକୁ କୁଣ୍ଢାଇ ପକାଉଛି—

## —ତେଷଠି—

ସେ ଭାବୁଛି ଶେଫାଳୀର ପୁଅ ହେଲେ, ତା'ର କ'ଣ ଆଉ ପୁଅ ହେଲାନି ? କେମିତି ହେଲା ? ତା'ର ମନ ଆଉ ଦେହର ସବୁ ଉତ୍ତାପ, ସବୁ ଆଲୋକ ଶେଫାଳୀ ଥରେ ନେଇଥିଲା । ସେଇ ଉତ୍ତାପ ଓ ଆଲୋକକୁ ନେଇ ମନର ଭୂଇଁରେ ତା'ର ଗଢା ବାହାରିଥିବା କ୍ଷେତ୍ର ପ୍ରସ୍ତୁତ ହୋଇଥିବ । ସେ ସିନା ତାକୁ ସ୍ତ୍ରୀ ରୂପେ ପାଇ ପାରିଲା'ନି, ନ ହେଲେ ତା' ପ୍ରତି ମମତା କ'ଣ ତୁଟି ଯାଇଛି ତା'ର ? ମନ ଭିତରୁ ନିର୍ମୂଳ ହୋଇ ଯାଇଛି କ'ଣ ଶେଫାଳୀର ସ୍ମୃତି ? ତା'ର ସ୍ତ୍ରୀ ଅଞ୍ଜଳୀର ଚାଲିରେ, ଠାଣିରେ, ବାଣୀରେ, ସବୁଥିରେ ସେ ତାକୁ ଅନୁଭବ କରିପାରେ—ଉପଭୋଗ କରିପାରେ । ତେଣୁ ସେ କେମିତି ହେବ ପର—ସାତ ପର । ତା' ପୁଅ କେମିତି ନ ହେବ, ତା'ର ? ଏମିତି ଭାବି ଚାଲିଛି ସୁରେନ୍ଦ୍ର......

ସୁରେନ୍ଦ୍ର ଆଉ ଖେଳ ଦେଖି ପାରୁନି । ସିଂହ ଆଉ ବାଘମାନଙ୍କର ଅଦ୍ଭୁତ ଖେଳ ସେ ଦେଖି ପାରୁନି । ଖାଲି ଚାହୁଁଛି ଜାଲୁ ଭାବୁଛି ଶେଫାଳୀର କଥା—

ଶେଫାଳୀ ! ଘରକୁ ଆସି ଯାହାକୁ ମିନିଟିଏ ନ ଦେଖିଲେ ପ୍ରାଣ ତା'ର କାନ୍ଦି ଉଠେ, ସେଇ ଶେଫାଳୀ ପଛରେ ଆଜି ତା'ର ବସିଛି—ଘରକୁ ଆସି ତାକୁ ଯାଇ ଦେଖା କରିବାରେ ଟିକିଏ ଡେରି ହୋଇ ଯାଇଥିଲେ, ଧାନ ଉଷୁଆଁ ହାଣ୍ଡି ପରି ମୁହଁଟାକୁ ସେ ଯେମିତି କରି ବସୁଥିଲା, ଆଜି ଦୁଇ ବର୍ଷର ଦେଖା ପରେ ସେ ସିମିତି ଆଉ କରୁନି ।

ପୁଣି ମନେ ପଡିଲା ତା'ର—କଲେଜରୁ ଫେରିବାର ତା'ର ମାତ୍ର ଦୁଇଟି ମାସ ହୋଇଥାଏ । ସେଇ ଦୁଇ ମାସର ଅନୁପସ୍ଥିତିକୁ, ସେ ଏମିତି ଦୀର୍ଘ ମନେ କରିଥିଲା ଯେ, ଯେଉଁଦିନ ସେ ଘରକୁ ଆସିଲା, ଅତି ନିରୋଳାରେ, ତା'ର ଛାତି ଉପରେ ମୁଣ୍ଡ ରଖି ସେ

କାନ୍ଦଥିଲ । କହୁଥିଲ—ସୁର ଭାଇ, ସବୁ ମାସ ତ ଆସ—ଏଥର ଦୁଇଟି ମାସ ଗଡାଇ ଦେଇ କାଠର ତମେ ଧୈର୍ଯ୍ୟ ଧରି ରହିଲ ? ସେଇ ଶେଫାଳୀ ଆଜ ଦେଖା—ସେଇ ସୁରେନ୍ଦ୍ର ତ ସେ ନଳେ । କାହିଁ ସେ ଭାବ ? କାହିଁ ସେ ସ୍ମୃତି ?

ନାଁ, ସେ ସର୍କସ ଦେଖିବ । ସ୍ତ୍ରୀକୁ ଦେଖାଇବ । ଦୁହେଁ ସର୍କସ ଦେଖିବା ପାଇଁ ଅସି ଶେଫାଳୀର କଥା କାହିଁକି ସେ ଭାବୁଛି ? ଶେଫାଳୀ କିଏ ତା'ର ? ଯିଏ ଅତୀତ, ସିଏ ମୃତ । ମୃତ ହୋଇ କାହିଁକି ପୁଣି ଜୀବନ୍ତ ରୂପ ଧରି ଠିଆ ହେଉଛି ସେଇ ସ୍ମୃତି ? ସେଇ ଲାବଣ୍ୟ ? ନାଁ, ପର ସ୍ତ୍ରୀ କଥା ମୁଣ୍ଡରେ ଆଉ ଧରିବ ନାହିଁ । ପରର ସ୍ତ୍ରୀ କଥା ଭାବି ଭାବି ମୁଣ୍ଡର ଓଜନ ତାର ସେ ବଢାଇବ ନାହିଁ ।

ଶେଫାଳୀ କେମିତି ସୁଖୀ ହେଉଛି ? ବେଶ୍ ତ ଫୁଲି ଉଠିଛି—ବାହାମୂଳ ଆଉ ଟିକିଏ ମୋଟା ହୋଇ ଯାଇଛି—ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିଛି—ସେ କ'ଣ ତା' କଥା ମନରେ ଭାବୁନି ? ଧରୁନି ? ନାଁ, ଛାଡ଼—ପରର ସ୍ତ୍ରୀକୁ ନେଇ କାହିଁକି ସେ ଭାବନାର ବିଭୀଷିକା ସୃଷ୍ଟି କରିବ ?

ଅଞ୍ଜଳୀ ଭାବୁଛି ଦେବେନ୍ଦ୍ରର କଥା । ସେ ତା' ପୁଅକୁ ଧରି ଆଗରେ ବସିଛି । ସେଇ ପୁଅଟିକୁ ଧରି ଦେବ ଭାଇ କ'ଣ ପୁଲକିତ ହେଉ ନାହାନ୍ତି ? ରୋମାଂଚିତ ହେଉ ନାହାନ୍ତି ? କାହିଁକି ହେବେ ? ସେଇ ପିଲାଟିକୁ ଧରି ପୁଲକିତ ଆଉ ରୋମାଂଚିତ ହେବାର କ'ଣ ବା ଅଛି ? ଦୁନିଆଁରେ କେଉଁ ପିଲାଟିକୁ କିଏ ବା ନ ଧରୁଛି ?

ନାଁ, ସେ ଆଉ ତାଙ୍କ କଥା ଭାବିବନି । ସ୍ୱାମୀଙ୍କ ପାଖରେ ଦେହକୁ ଦେହ ଲଗି ବସି ଆଉ କାହାରି କଥା ସେ ମନରେ ଆଣିବନି । ଦେବଭାଇ କ'ଣ ପର ? ହଁ, ସେ ପର । ସାତ ପର ।

ତେବେ ବି ସର୍କସ ଦେଖି ପାରୁନି । ଯେତେ ଚେଷ୍ଟା କରୁଛି, ଏ ସବୁ ଭୁଲି ଯାଇ, ସର୍କସରେ ମନ ଦେଇ ବସିବ, ଦେଖିବ—କିନ୍ତୁ ଦେଖି ପାରୁନି ।

ଏତେ ଦିନ ପରେ ଦେବଭାଇ ଦେଖା—ସେ ତାଙ୍କୁ କ'ଣ କହିବ ? ସର୍କସ ଭାଙ୍ଗି ସାରିଲା ପରେ ଆଉ କ'ଣ କହି କଥାବାର୍ତ୍ତା କରିବ ? ଗାଁ କଥା ପଚାରିବେ ? ତାଙ୍କ ବାପା ବୋଉଙ୍କ କଥା ପଚାରିବ ? ଭଲ ମନ୍ଦ ପଚାରିବ ? ସେ କ'ଣ ପଚାରିବେ ? କେମିତି ଅଛୁ ବୋଲି ପଚାରିବେ ? ଯଦି ପଚାରି ବସିବେ, ସେଇଦିନ ଷ୍ଟେସନର ମଝିରେ କିଏ ସଂପୂର୍ଣ୍ଣ ନୀରବ କରାଇ ନଫରାଇଥିଲା ? ତୁଇ ତ ଅଞ୍ଜଳୀ ? ସେ ଯଦି ମୁହଁ ଖୋଲି ତା'ର ବୋଉ ପାଖରେ କହିଥାନ୍ତା—ଦେବଭାଇଙ୍କୁ ବାହା ନ ହେଲେ, ମୋ ବାହାଘର ଆଉ ହେବନି ବୋଉ—ତା' ହେଲେ ଦେବଭାଇଙ୍କ ସହ ତା'ର ବାହାଘର ହୋଇଥାନ୍ତା । କିନ୍ତୁ ତା' ବୋଉକୁ କାହିଁକି ସେ କହି ପାରିଲାନି ?

ବୋଉ ଯେଉଁଦିନ ତା'ର ବାହାଘର କଥା ଦେବଭାଇ ଆଗରେ ପକାଇଲେ, ତାଙ୍କ ଆଖି ବଡ଼ ବଡ଼ ହୋଇ ଉଠିଲା । ମୁହଁ ରଙ୍ଗ ଉଡ଼ିଗଲା । କଣ୍ଠ ସ୍ୱର ଯେପରି ରୁଦ୍ଧ ହୋଇ ଆସୁଥିଲା ।

ଦେବଭାଇ ଆଜି ଯଦି ସେଇ କଥା କହିବେ, ତା' ହେଲେ କ'ଣ ସେ କହିବ ? ମୁହଁ ଦେଖାଇ କେମିତି କଥା କହିବ ? ସେ କହିବେ—ତୁ ଠକିଛୁ—ପ୍ରତାରଣା କରିଛୁ !

ଅଞ୍ଜଳୀ ଏଇମିତି ଭାବୁଛି............

ସର୍କସ ଦେଖୁ ଦେଖୁ ଶେଫାଳୀର ସବୁ ସ୍ମୃତି ମନ ଭିତରେ ଜାଗି ଉଠୁଛି । ଦେହ ଥରି ଉଠୁଛି—ମୁଣ୍ଡ ବୁଲୁଛି—ଛାତି ଶୁଖି ଯାଉଛି । ସର୍କସ ଦେଖି ପାରୁନି । ତାକୁ ଭାରି କ୍ଳାନ୍ତ ବୋଧ ହେଉଛି । ମଝିରେ ମଝିରେ ଯାହା ଅରକୁ ଅନାଉଁଛି । କାହିଁକି ତା'ର ଏମିତି ହେଉଛି ? ଆସିଲା ବେଳେ ବେଶ୍ ଭଲ ଥିଲା ତ ସିଏ !

## —ଛ'ଷଠି—

ଦେବେନ୍ଦ୍ର ଜାଣି ପାରୁନି ଶେଫାଳୀର କଥା—ଆଉ କେହୁ ମଧ୍ୟ ଜାଣି ପାରୁ ନାହାନ୍ତି, କହି ପାରୁ ନାହାନ୍ତି କାହାର ମନର କଥା........

ସର୍କସ ସରିଗଲା........

ଶେଫାଳୀ ଓ ଦେବେନ୍ଦ୍ର ଉଠିଗଲ ।

ଅଞ୍ଜଳୀ ଓ ସୁରେନ୍ଦ୍ର ବି ଉଠିଲେ ।

ଦୁଇ ଦମ୍ପତି ଲୋକ ଗହଳି ଭିତରେ ଠେଲା ପେଲା କରି ଆଗକୁ ଆଗକୁ ଆଗେଇ ଚାଲିଛନ୍ତି ।

ଚାରିହେଁ ଯାକ ଗୋଟିଏ ଯାଗାରେ ପହଞ୍ଚିଲେ । ସହରର ଏକ ରାସ୍ତାରେ ଠିଆ ହେଲେ । କଥା ବାର୍ତ୍ତା ହେଲେ ।

ଅଞ୍ଜଳୀ କଥା ହେଲା ଦେବେନ୍ଦ୍ର ସହ......

ଶେଫାଳୀ କଥା ହେଲା ସୁରେନ୍ଦ୍ର ସହିତ......

କି କଥାବାର୍ତ୍ତା ହେଲେ କିଜାଣି, ସେଇ ଜାଣନ୍ତି । ପାଞ୍ଚ ମିନିଟ୍ ପରେ ନିଜ ନିଜ ବସାକୁ ବାହାରିଲେ । ସୁରେନ୍ଦ୍ର ଜାଣିଲା ଅଞ୍ଜଳୀର ଗାଁରେ ଦେବେନ୍ଦ୍ରର ଘର । ଆଉ ଦେବେନ୍ଦ୍ର ଜାଣିଲା ଶେଫାଳୀର ଗାଁରେ ସୁରେନ୍ଦ୍ରର ଘର । ଦୁହେଁ ନିଜ ନିଜର ବସା କଥା ଜାଣିଲେ । ଗଲା ବେଳେ ସୁରେନ୍ଦ୍ର ଆଉ ଦେବେନ୍ଦ୍ର ନମସ୍କାର ଦିଆ ନିଆ ହେଲେ ।

ଶୀତଦିନ । ରବିବାର ହୋଇଥାଏ । ନିଜ କ୍ୱାର୍ଟର ଭିତରର ଖଟରେ ବସିଛନ୍ତି ଦେବେନ୍ଦ୍ର । ଶେଫାଳୀ ଚାହାଁ ଦେଲା । ସେ ବି ସେଇ ଖଟରେ ଟିକିଏ ବସିଲା ।

ଦେବେନ୍ଦ୍ର ଆରମ୍ଭ କଲା—

—ସତଷଠି—

"ସୁରେନ୍ଦ୍ର ବାବୁ ବେଶ୍ ଭଦ୍ରଲୋକ, ନୁହେଁ ଶେଫାଳୀ ? ସୁନ୍ଦର ବ୍ୟବହାର । ମିନିଟ୍‌କରେ ପରକୁ ଅପଣାର କରନ୍ତି । ଅଞ୍ଜଳୀ ବି ଠିକ୍ ସେଇମିତି—ଆମରି ଗାଆଁରେ ତା' ଘର । ଭାରି ଭଲ ପିଲଟିଏ । ମାଇନର ପଢ଼ି ଆମ ଗାଁର ବାଳିକା ସ୍କୁଲରେ ଶିକ୍ଷୟିତ୍ରୀ ହୋଇଥିଲା । ସ୍କୁଲଟିକୁ ଆଦର୍ଶ କରି ଗଢ଼ିବାରେ ସେ ଅନେକ ସାହାଯ୍ୟ କରୁଥିଲା । ବେଶ୍ ସ୍ୱାମୀ ଅଉ ସ୍ତ୍ରୀ ଦୁହେଁ । ଶେଫାଳୀ ଖରାରେ ବସି ଶୁଖୁଛି । ତଳେ ଖପରରେ ଗାଇବାରେ କ'ଣ ଲାଗୁଛି ।

କହିଲା—ସୁରୁ ଭାଇଙ୍କ ପରି ମଣିଷ, ମୁଁ କ୍ୱଚିତ ଦେଖିଛି । ସତରେ, ଆମ ଗାଁରେ ତାଙ୍କର ଏତେ ପ୍ରଶଂସା, ଶୁଣିଲେ ତମେ ଭାଭା ହେବ । ତମେ ଜାଣିନ, ଆମ ଗାଁରେ ପ୍ରାଥମିକ ସ୍କୁଲ ଖଣ୍ଡିଏ ନ ଥିଲା, ପାଠାଗାର ନ ଥିଲା, ଅବସର ବିନୋଦନ କେନ୍ଦ୍ର ମଧ୍ୟ ନ ଥିଲା—କଳାକେନ୍ଦ୍ର ତ ଏବେ ଖୋଲିଲା । କିନ୍ତୁ ତାଙ୍କର ଚେଷ୍ଟାରେ ଆମ ଗାଁରେ ଏସବୁ ସମ୍ଭବ ହୋଇଛି ।

ବନ୍ୟା ବେଳେ ଗାଁ ସଡ଼କ ସବୁ ଧୋଇଯାଏ । ଗାଁ ଲୋକଙ୍କୁ ମେଳବାନ୍ଧି ସଡ଼କ ବାନ୍ଧନ୍ତି, ମାଟି ପକାନ୍ତି । ପିଲାଠାରୁ ବୁଢ଼ାଯାଏ ସୁରୁ ଭାଇଙ୍କୁ ମାନନ୍ତି । ସେ ଯେଉଁ କଥା କହନ୍ତି, ସମସ୍ତେ ସେ କଥା ଶୁଣନ୍ତି । ଗାଁରେ ଯାହାର ଅଭାବ ପଡ଼ିଥିବ, ନିଜଘରୁ ତାକୁ ଲୁଚାଇ ଖାଇବାକୁ ଦେବେ । ଗାଁରେ କେତେ ସଭା କରିବେ । ଲୋକଙ୍କୁ କେତେ କଥା ବୁଝାଇବେ ।

ଆମ ଗାଁରେ ଯେଉଁ ନାରୀ ମଙ୍ଗଳ କେନ୍ଦ୍ର ହୋଇଥିଲା, ମୁଁ ତା'ର ସମ୍ପାଦିକା ଥିଲି ବୋଲି ତମେ ତ ଜାଣ । ସରକାରଙ୍କ ସଙ୍ଗେ ଲଢ଼ି ଶିଳ୍ପ ବିଭାଗରୁ ସେ ଟଙ୍କା ଆଣିଲେ । କାମ ଜୋର ସୋରରେ ଚାଲିଛି । ଗାଁର କେତେ ଉନ୍ନତି ହୋଇଛି ।

କେବଳ ଆମର ଗାଆଁର ନୁହେଁ, ଆମ ଅଞ୍ଚଳର ପ୍ରାୟ ପ୍ରତ୍ୟେକ ଗାଆଁରେ ସେ ପରିଚିତ ଅତି ଜଣାଶୁଣା । କେଉଁ କଥାରେ ତାଙ୍କୁ ବାନ୍ଧିବାକୁ ହେବ ନାହିଁ । କେଉଁ କଥାରେ ଖଣ୍ଡିବାକୁ ହେବ ନାହିଁ—

ଦେବେନ୍ଦ୍ର ଶୁଣୁଛି । ନିଜ ସ୍ତ୍ରୀ ମୁଖରୁ ସୁରେନ୍ଦ୍ରର ପ୍ରଶଂସା ଶୁଣୁଛି । ଦେବେନ୍ଦ୍ର କହିଲା—ଲୋଭ ହେଉଛି କି ତମ ସୁରେନ୍ଦ୍ର ଭାଇଙ୍କ ଉପରେ ତମର । ତାଙ୍କୁ ତ କେଉଁ କଥାରେ ତୃପ୍ତି ହେବନି ? କହି ହେବନି । ତମେ ତା'ହେଲେ ସେଇଆଙ୍କ ବାହା ହୋଇ ପଡ଼ିଲନି ? ଏଇନେ କ'ଣ ତମର ଇଚ୍ଛା ହେଉଛି ? ମୁଁ ଟିକିଏ ଆପତ୍ତି କରିବନି । ଯାଅ, ପୁଅଟିକୁ ମତେ ଦେଇଦିଅ······

ଦେବେନ୍ଦ୍ର ହସି ହସି ଏତିକି କହିଲା । ଶେଫାଳୀର ଆଖିରେ ଲୁହ······ସେ ଆଉ କିଛି ଉତ୍ତର ଦେଇ ପାରିଲାନି । ଲୁଗା କାନିରେ ଲୁହ ପୋଛୁଁ ପୋଛୁଁ ଘର ଭିତରକୁ ପଳାଇଗଲା ।

ଦେବେନ୍ଦ୍ର ତା'ର ପଛେ ପଛେ ଆସିଲା । ଶେଫାଳୀର ଆଖିରୁ ଲୁହ ପୋଛି ଦେଇ କହିଲା—ତମେ କେଡ଼େ ରାଗୀ ଲୋ ! ମୁଁ ତ ଦିନେ ହେଲେ ଜାଣି ନ ଥିଲି ! ତମକୁ ଥଟ୍ଟାରେ କହିଲି ବୋଲି ତମେ କାନ୍ଦୁଛ ?

ଶେଫାଳୀ ଅଧିକ କାନ୍ଦିଲା । ଦେବେନ୍ଦ୍ର ତା' ଆଖିରୁ ଲୁହ ପୋଛି ଦେଇ କହିଲା—'ମୋ ରାଣ, ମୁଁ ମରିବି, ତମେ ଯଦି କାନ୍ଦିବ' ।

ଶେଫାଳୀ ଲୁହ ବନ୍ଦ କଲା ।

ଦେବେନ୍ଦ୍ର କହିଲା—ଆଉ ଟିକିଏ କାନ୍ଦିବନି ?

ଶେଫାଳୀ ହସିଲା । କିଛି କହିଲା'ନି ।

—ଟିକିଏ କାନ୍ଦ ମ—

ଶେଫାଳୀ ନିରୁତ୍ତର ।

—ତମେ ଇମିତି ରାଗି । ଛି, ଛି, ଏ କ୍ଷଣ, ତମ ସୁର ଭାଇଙ୍କୁ ଘରେ ନିମନ୍ତ୍ରଣ କରି ଅଣିବା । କେଉଁଦିନ ତାଙ୍କୁ ଡାକିବା କହିଲ ? ସେ ଏକା ଆସିବେ ନା ଉଭୟଙ୍କ ଡାକିବା ?

—ଅଞ୍ଜଳୀ କହିଲା—ଉଭୟଙ୍କୁ ଡାକୁନ !

—ଉଭୟେ ଆସି ପାରିବେ ତ ?

—କାହିଁକି ?

—ଘ ସିଅଢ଼େ କାଏ ଲଗିବ ?

—ହଉ, କେବଳ ସୁର ଭାଇଙ୍କୁ ଆଗ ଡାକ । ତା' ପରେ ଆଉ ଦିନେ ତାଙ୍କୁ ଡାକିବା । ଆସନ୍ତା ରବିବାରକୁ ତାଙ୍କୁ ଡାକ ।

ଏମିତି କଥାବାର୍ତ୍ତା ହେଉଛନ୍ତି । ଦେବେନ୍ଦ୍ର ଶେଫାଳୀକୁ ଧୀରେ ଧରିଲା । ଦୁଇ ହାତ ଭିତରେ ଶେଫାଳୀର ମୁହଁକୁ ଧରି କହିଲା—ଆଉଥରେ କାନ୍ଦ ମ—ଶେଫାଳୀ ନିଜ ସ୍ୱାମୀଙ୍କ ଆଡକୁ ଢଳି ଢଳି ଆସୁଛି । ଏଇ ଦୁଇ ବର୍ଷ ଭିତରେ ସ୍ୱାମୀଙ୍କୁ ସେ ଯେପରି ପ୍ରଥମ କରି ଦେଖୁଛି । ଦେବେନ୍ଦ୍ର ତା'ର ଗାଲରେ ଲେଖି ଦେଲା ଗୋଟିଏ ସବୁଜ ଚୁମା........

ମାଘମାସ ରାତି । ଭୀଷଣ ଥଣ୍ଡା ପଡ଼ୁଛି । ଦେହ ମୁଣ୍ଡ କାଳିଆ ମାରି ନେଉଛନ୍ତି । ଘରର କବାଟ ଖୋଲିଦେଲେ ଘର ଭିତରକୁ ହିମାଳ ପବନ ପଶି ଆସୁଛି । ଦେହ ଥରି ଯାଉଛି...

ଶେଫାଳୀ ରୋଷେଇ ଘରେ ପଶିଛି । ସୁର ଭାଇ ତା'ର ନିମନ୍ତ୍ରିତ ହୋଇଚନ୍ତି—ଛଅ ତରକାରୀ ନଅ ଭଜା ସେ କରୁଛି । ସ୍ୱାମୀଙ୍କୁ କହି କେତେ ଫରିବା ସେ ଆଣିଛି । ଗାଡ଼କା ଗାଡ଼କା ରୋଷେଇ କରିବା ପାଇଁ ମନ ତା'ର ଧାଉଁଛି । ମାଘ ମାସର ଶୀତକୁ ସେ ଖାତିର୍ କରୁନି—ପରବାୟ କରୁନି । ସେଇ ଶୀତରେ ସାତଥର

ସେ ହାତ ଧୋଉଛନ୍ତି, ପୋଛୁଛନ୍ତି । ମନରେ ତା'ର କିଛି ଦୁଃଖ ନାହିଁ, ଗ୍ଲାନି ନାହିଁ ।

ଦେବେନ୍ଦ୍ର ତାକୁ ସାହାଯ୍ୟ କରୁଛନ୍ତି । ପରିବା କାଟି ଦେଉଛନ୍ତି । ତେଲ କଡ଼ାରେ ତେଲ ଢାଳୁଛନ୍ତି ।

ସୁରେନ୍ଦ୍ର ଆସି ଦୁଆର କବାଟରେ ହାତ ମାରିଲା । ଦେବେନ୍ଦ୍ର ଯାଇ କବାଟ ଖୋଲିଲା । ବାହ୍ମଘରେ ବସିବାକୁ ସେ ସବୁ ଆୟୋଜନ କରିଥିଲା । ଦୁହେଁ ବସିଲେ—କଥାବାର୍ତ୍ତା ହେଲେ ।

ଶେଫାଳୀ ଦୋଷଘରେ ଛାଡ଼ି ପାନ ଭାଙ୍ଗିବାକୁ ଅସୁଛନ୍ତି—ପାନ ଭାଙ୍ଗିଦେଇ ପୁଣି ଯାଉଛନ୍ତି ଦୋଷ ଘରକୁ । ଗୋଡ଼ରେ ତା'ର ସତେ ଯେମିତି ପକ୍ଷୀ ଲାଗିଛି । ସେ ଥୟ ଧରୁନି ।

ସୁରେନ୍ଦ୍ର ସେଇ ବାହାର ଘରେ ବସିଛନ୍ତି । ଦେବେନ୍ଦ୍ର ବସିଛନ୍ତି ବି ସେଇଠି । ଶେଫାଳୀ ଦୁହିଁଙ୍କୁ ପାନ ଦେଲା । କାଚ ରେକାବୀ ଥୋଇଲା—ଦୁଇ ଦୁଇ ଖଣ୍ଡ ପାନ ଅଲଗା ଅଲଗା ଥୁଆ—ଗୋଟିଏ ପାଖ ସୁରଭାଇଙ୍କର—ଆଉ ଗୋଟିଏ ପାଖ ସ୍ୱାମୀଙ୍କର ।

ଦୁହେଁ ପାନ ଖାଇଲେ । ନିଜ ରୁଚି ଅନୁଯାୟୀ ପାନ ଖାଇ ଦୁହେଁଯାକ ପରିତୃପ୍ତି ପାଇଲେ—ପାନ ଚୋବାଉଥିବା ବେଳେ ଯେଉଁ ସ୍ୱାଦ ସମୁଦାୟ ପାଟି ଭିତରଟାକୁ ସୁଗନ୍ଧିତ କରିପକାଏ, ଦୁହିଁଙ୍କର ପାଟି ସେଇ ତୃପ୍ତି ଭରା ସୁଗନ୍ଧରେ ସୁଗନ୍ଧିତ ହୋଇଛନ୍ତି । ଗପ ମେଲିଛନ୍ତି । ଗପର ମୂଳ ନାହିଁ କି ଶେଷ ନାହିଁ ।

ବେଳ ଯେଇ ସରିଗଲା ।

ଦେବେନ୍ଦ୍ର ଘର ଭିତରକୁ ଚାଲିଗଲା । ଶେଫାଳୀ ଓ ଦେବେନ୍ଦ୍ର ରନ୍ଧା କୁଡ଼ରେ ଲାଗିଗଲେ । ବାହ୍ମଘରେ ବସିଛନ୍ତି ସୁରେନ୍ଦ୍ର……

ସୁରେନ୍ଦ୍ର ଭାବୁଛନ୍ତି, ସେ ଆଜି କେଉଁଠି ? କାହା ଘରେ ? କାହା ହାତଭଙ୍ଗା ପାନ ସେ ଆଜି ଖାଇଛନ୍ତି ? କାହା ହାତର ପାନ, ଚୂନ ଓ ଗୁଆର ସମ୍ମିଶ୍ରଣରେ ଓଠ ତା'ର ନାଲିଆ ହୋଇଛନ୍ତି ? ସେ

କିଏ ? ଅଂଜଳି ? ନାଇଁ ତ, ଅଂଜଳି ବହାରେ—ସେ ଅଜି କାହା ଘରେ ଅତିଥି ହେଉଛନ୍ତି ? କାହା ପାଇଁ ଏ ଘରେ ଆଜି ଉତ୍ସବର ଆୟୋଜନ କରା ଯାଉଛନ୍ତି ? କ'ଣ ତା'ର ପାଇଁ ?

ଏଇ ଘରେ, କାହା ହାତର ରାନ୍ଧଣା ଆଜି ସେ ଖାଇବ ? କିଏ ଆଜି ତା'ର ଥାଳିରେ ଭାତ ପରଶିବ ? ଶେଫାଳୀ ! ସେ ଚମକି ପଡ଼ିଲା ।

ଶେଫାଳୀ କିଏ ? ବିବାହିତା । ପୁଣି ବନ୍ଧୁ ଦେବେନ୍ଦ୍ର ବାବୁଙ୍କ ସ୍ତ୍ରୀ । ବାବୁଲର ମା'—ତାହାର ପରି କାହିଁକି ତା'ର ଏତେ ମାୟା ଲାଗୁଛି ? ମମତା ବଢ଼ୁଛି ?

ଶେଫାଳୀ ଯଦି ତା'ର ସ୍ତ୍ରୀ ହୋଇଥାନ୍ତା, ତା' ହେଲେ ପ୍ରତିଦିନ ସେ ବୋଧେ ଏମିତି ବ୍ୟସ୍ତ ହେଉଥାନ୍ତା । ତାକୁ ସନ୍ତୁଷ୍ଟ କରିବା ପାଇଁ ସବୁ ରକମ ସେ ଚେଷ୍ଟା କରୁଥାନ୍ତା । ଲୋଟଣୀ ପାରି ପରି ଲୋଟି ପଡ଼ୁଥାନ୍ତା । ସେ ତ ତା'ର କେହି ନୁହେଁ ! କାହିଁକି ତା' ପାଇଁ ଏଇ ସ୍ୱାମୀ ଓ ସ୍ତ୍ରୀ ଉଭୟ ଯାକ ବ୍ୟସ୍ତ ହେଉଛନ୍ତି—ଏପଟେ ସେପଟେ ହେଉଛନ୍ତି ?

ଶେଫାଳୀ କ'ଣ ଏତିକି କରି ତା' ମନକୁ ନେଇ ପାରିବ ? ପୁଣି କାହିଁକି ସେ ଦେଖା ଦେଲା ? ପାଶୋରି ମନର କୋଣରେ ତା'ର ସ୍ମୃତିକୁ ଯେତେ ସେ ଉଭେଇଁ ଦେବାକୁ ଚେଷ୍ଟା କରୁଛି, ପାରୁନି । ବରଂ ତା'ର ଆଖି ଆଗରେ ଶୁଭ୍ର, ସତେଜ ହୋଇ ସେ ଭାସି ଉଠୁଛି ।

ଅନେକ ଦିନ ପରେ ଦେଖା ହୋଇ ମନର ଅବସ୍ଥାକୁ ସେ ଆହୁରି ଖରାପ କରିଛି—ତାକୁ ନ ଦେଖି ତା'ର ସ୍ମୃତି ତ ଆସି ମନକୁ ଡହଳେଇ ଦେଉଥିଲା । ସେ ପୁଣି କାହିଁକି ଦେଖା ଦେଲା ? ଆପଣାର କଲା ? ନିମନ୍ତ୍ରଣ କଲା ? ସ୍ୱାମୀ ଆଗରେ ପରଶିବାର ଦାୟିତ୍ୱ ସେ କାହିଁକି ନେଲା ?

ସୁରେନ୍ଦ୍ର ଏଇମିତି ଭାବୁଛନ୍ତି……

ସ୍ୱାମୀ ଓ ସ୍ତ୍ରୀ ଉଭୟେ ଯାଉ ଥାଳି, ଗାଟିଆ ଆଉ ପ୍ଲେଟ୍ ସଜାଇ ସାରିଲେଣି । ପାଣି ଗ୍ଲାସ୍ ଥୁଆ ହେଲଣି; ଆସନ ପଡ଼ି ସାରିଲଣି ।

ଶେଫାଳୀ ଡାକିଲା—ସୁର ଭାଇ, ମୁହଁ ଧୋଇ ଆସ ।

ଧୀର ପିଲଟି ପରି ସୁରେନ୍ଦ୍ର ଉଠିଲା । ମୁହଁ ଧୋଇଲା । ଦେବେନ୍ଦ୍ର ଆଉ ସେ ଉଭୟେ ଖାଇବାକୁ ବସିଲେ ।

ଖାଇବା ଚାଲିଛି । ଶେଫାଳୀ ପରଷୁଛି । ଥାଳୀରେ ବେଶୀ ବେଶୀ ଭାତ ଦେଉଛି । ମାଛ ମୁଣ୍ଡା ବେଶୀ କରି ସୁରେନ୍ଦ୍ରର ପ୍ଲେଟ୍‌ରେ ଦେଉଛି । ସୁରେନ୍ଦ୍ର କହୁଛି—ଆଉ, ଆଉ ।

—ଏତିକି ଖାଇ ଦିଅ

—ଆଉ ମୋ ପେଟରେ ଯାଗା ନାହିଁ—

—ମାଛ ଖଣ୍ଡେ ଖାଇ ଦେଲେ ପେଟ ଫାଟି ଯିବନି ସ—

ଦେବେନ୍ଦ୍ର କହୁଛି—'ହଁ, ହଁ, ସେଇ ଖଣ୍ଡିକ ଖାଇ ଦିଅନ୍ତୁ ।' ପୁଣି ସେମାନେ ଖାଇବା ଆରମ୍ଭ କଲେ ।

ଶେଫାଳୀ ସେଠି ଆଉ ଠିଆ ହେଲାନି । କବାଟ ସେପଟେ ଲୁଚି ଲୁଚି ଯାଇ ସୁର ଭାଇ ଓ ସ୍ୱାମୀଙ୍କର ଖାଇବା ସେ ଦେଖୁଛି । ଭାବିଲା କିଏ ସେମାନେ ଖାଉଛନ୍ତି ? ଏ ଦୁଇଜଣ କିଏ ? ତା'ର ହାତର ରାନ୍ଧଣା ଖାଇ କିଏ ବେ ପରିତୃପ୍ତି ପାଇବ ? ଦୁହେଁ, ନା ଯେଉଁ ଜଣକ ଅତିଥି ହୋଇ ଆଜି ଆସିଛନ୍ତି ?

ସୁର ଭାଇ ଯେତେବେଳେ ନିଜ ସ୍ତ୍ରୀଙ୍କର ରନ୍ଧା ଅନ୍ନ ତରକାରି ଖାଉଥିବେ, ସେତେବେଳେ ତା'ର ହାତ ରନ୍ଧାର ପରଷ ଆଉ ସ୍ମୃତି ସେ କ'ଣ ପାଆନ୍ତି ?

ଖାଇବା ସରିଗଲା । ଦୁହେଁ ଉଠିଲେ ।

ଶେଫାଳୀ ତରବର ହୋଇ ଆଗକୁ ଆସି ଦୁଇଜଣଙ୍କୁ ଦୁଇଟି ଗ୍ଲାସ ପାଣି ଦେଲା । ଦୁହେଁ ମୁହଁ ଧୋଇଲେ । ମୁହଁ ପୋଛିଲେ । ବସିଲେ । କଥାବାର୍ତ୍ତା ଆରମ୍ଭ କଲେ । ଶେଫାଳୀ ପାନ ଦେଲା । ସେମାନେ ନେଲେ—ପୁଣି ପାଟି ରଙ୍ଗେଇଲେ ।

ସୁରେନ୍ଦ୍ର ବିଦାୟ ନେଇ ନିଜ ବସାକୁ ବାହାରିଲା ।

ରାତି ସେଦିନ ଅନେକ ହୋଇ ଯାଇଥିଲା । ସ୍ୱାମୀ-ସ୍ତ୍ରୀ ଉଭୟେ ଘରର କବାଟ ବନ୍ଦ କରି ଶୋଇଲେ । ଦେବେନ୍ଦ୍ର ଶୋଇଗଲା । ଶେଫାଳୀକୁ ଆଉ ନିଦ ହେଲାନି । ଘରର ସେଇ ଅନ୍ଧାର ଭିତରେ କିଏ ଯେମିତି ତାକୁ ଆଖି କାଢ଼ି, ଦାନ୍ତ ନିକୁଟି ଡରଉଥିଲା । ମଝିରେ ଭୟ ପାଇଁ ନିଜ ସ୍ୱାମୀଙ୍କ ଛାତିରେ ହାତ ପକାଇ ସେ ଶୋଇବାକୁ ଆରମ୍ଭ କଲା । ଡରରେ ଥରି ଥରି ଶୋଇ ପଡ଼ିଲା ସେଦିନ ।

—ତମେ ତ ଖାଇ ଦେଇ ଆସିଲ ସେଦିନ—ଦେବଭାଇଙ୍କୁ ତମେ କ'ଣ ଘରେ ହେଲେ ଖୁଆଇବନି ?

—ସେ ଯେମିତି ମତେ ଡାକି ନେଇଥିଲେ, ମୁ କ'ଣ ତାଙ୍କୁ ସେମିତି ଡାକି ଆଣିବ ?

—ଆଉ କ'ଣ ବାଙ୍ଗା ବଜାଇ ଆଣିବ ?

ସୁରେନ୍ଦ୍ର କହିଲା,—ଶୁଣ ଅଞ୍ଜଳୀ, ଗୋଟିଏ ଦିନ ଠିକ କର । ସେଇଦିନ ସ୍ୱାମୀ-ସ୍ତ୍ରୀ ଉଭୟଙ୍କୁ ଡାକିବା । ଦେବେନ୍ଦ୍ର ବାବୁ ଆଉ ଶେଫାଳୀ ଆମ ଘରକୁ ଅତିଥି ହୋଇ ଆସିଲେ, ଆମ ଘରର ପ୍ରତି ଧୂଳିକଣା ହସି ଉଠିବ । ଆମେ ଦୁହେଁ ଉଲ୍ଲାସରେ ମାତି ଉଠିବା । ସେମାନଙ୍କୁ ଖୁଆଇ ପିଆଇ ଆଦର ଅଭ୍ୟର୍ଥନାରେ ପୋତି ପକାଇ ଛାଡ଼ି ଦେବା । ଆମ ଘରୁ, ସେମାନେ ବିଦାୟ ନେଇ ଯାଇଲା ପରେ, କି ସୁନ୍ଦର ଧାରଣା ହେବ କହିଲ ସେମାନଙ୍କର ? ଆମକୁ କେତେ

ପ୍ରଶଂସା କରିବେ— ଆମ ଦାମ୍ପତ୍ୟ ଜୀବନକୁ କେତେ ତାରିଫ୍ କରିବେ ସେମାନେ !

ଅଞ୍ଜଳୀ ଶୁଣୁଛି । ସ୍ୱାମୀଙ୍କ ଠାରୁ ଏଇମିତି କଥା କେବେ ହେଲେ ସେ ଶୁଣି ନ ଥିଲା । ଭାବିଲା, ସ୍ୱାମୀ ତାକୁ ଥଟ୍ଟା କରୁଛନ୍ତି କି ? ଅତୀତରେ ଦେବଭାଇ ସହ ତା'ର ଯେଉଁ ଘନିଷ୍ଠତା ଥିଲା, ସେ କଥା ଜାଣି ଆଜି ଏମିତି ଏତେଗୁଡ଼ାଏ କଥା ଅଣନିଶ୍ୱାସୀ ହୋଇ କହି ଯାଉଛନ୍ତି କି ? ନାହିଁ ତ—ତାଙ୍କ କଥାରେ କେବେହେଲେ ଛଳନା ନଥାଏ—କ୍ରୋଧ ନଥାଏ—ବ୍ୟଙ୍ଗ ନ ଥାଏ—ବିଦ୍ରୂପ ନ ଥାଏ !

ଭାବିଲା, ହଁ ତାଙ୍କର ଗାଁର ଦେବଭାଇ ସ୍ତ୍ରୀଙ୍କ ଘର । ଲେଖାରେ କ'ଣ ଭଉଣୀ ହିସାବ ହେବେ । ତାଙ୍କୁ ନିମନ୍ତ୍ରଣ କରି ଆଣିବା ପାଇଁ ଗୋଡ କ'ଣ ତାଙ୍କର ଭୂଇଁରେ ଲାଗୁନି ! ଲେଖା ଯେ ଖାଲେ ଭଉଣୀ ପାଇଁ ଗୋଡ଼ କା'ର ଇମିତ ହୁଏ ? ଦେବଭାଇଙ୍କ ସ୍ତ୍ରୀ ସହ ଆଗରୁ ଆଙ୍କର ସଂପର୍କ ଥିଲା କି କିଛି ? ତା'ର ଯେମିତି ଦେବ ଭାଇଙ୍କ ସମ୍ପର୍କ ଥିଲା......

ଛି, ଛି, କ'ଣ ସେ ଭାବୁଛି । ନାନା ଅଳିଆ ଅଦରକାରୀ କଥାଗୁଡ଼ା ଆସି ତା' ମୁଣ୍ଡ ଭିତରେ ଜମିଯାଉଛି । ଯେଉଁ ସ୍ୱାମୀ ଦେବତା, ତାଙ୍କର ବିଷୟରେ କ'ଣ ଗୁଡ଼ାଏ ସେ ଭାବୁଛି, ମନକୁ କଳଙ୍କିତ କରୁଛି ! କହିଲା—ହେଉ, ଲଭଫୁଲଙ୍କୁ ଡାକ ।

ଆସନ୍ତା ରବିବାରକୁ ଡାକିବା, ସୁରେନ୍ଦ୍ର କହିଲା ।

ଦୁହେଁ ସେ ଦିନ ନୀରବ ରହିଲେ ସେଇଠାରେ ।

ଦେବେନ୍ଦ୍ରକୁ ପ୍ରାୟ ପାଞ୍ଚ ଦିନ ହେଲା ଜ୍ୱର ହେଉଛି । ଭୟଙ୍କର ଜ୍ୱର । ଟାଇଫଏଡ୍ । ଉତ୍ତାପ ଚଢୁଥିଲେ ଦେହରେ ପୂରା

ରହୁଛନ୍ତି—ଠିକଏ ହେଉନି କମୁନି । ମୁଣ୍ଡରୁ ଝାଳ ବହୁଛନ୍ତି—ମୁଣ୍ଡ ବଥାଉଛନ୍ତି—ଗୋଡ ହୋଲାଉଛନ୍ତି ।

ଶେଫାଳୀ ଦୁଇ ଦିନ ହେଲା ଭଲ କରି ଗଣ୍ଡେ ଖାଇ ପାରୁନି । ସବୁବେଳେ ସ୍ୱାମୀଙ୍କ ପାଖରେ ବସୁଛି । ସେବା ଓ ଶୁଶ୍ରୂଷା କରୁଛି । ଗୋଡ, ହାତରେ ହାତ ମାରୁଛି । ସର୍ବତ ଦେଉଛି । ଔଷଧ ପିଆଉଛି ।

ସୁରେନ୍ଦ୍ର ଓ ଅଞ୍ଜଳୀ ପ୍ରତିଦିନ ଆସୁଛନ୍ତି । ତା'ର ବିଛଣା ପାଖରେ ବସୁଛନ୍ତି । ତା'ର ଉତ୍ତାପକୁ ପରୀକ୍ଷା କରୁଛନ୍ତି ।

ସୁରେନ୍ଦ୍ର ଘଡ଼ିକୁ ଘଡ଼ି ଡାକ୍ତରଙ୍କ ପାଖକୁ ଯାଉଛି । ପରାମର୍ଶ ଆଣୁଛି । ଔଷଧ ନେଉଛି । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦେବେନ୍ଦ୍ରକୁ ଔଷଧ ପିଆଉଛନ୍ତି ।

ଶେଫାଳୀ କହୁଛି—ସୁର ଭାଇ, ତମେ ନ ଥିଲେ, କିଏ ମତେ ସାହାଯ୍ୟ କରନ୍ତା ? ରାତରାତ ଉଜାଗର ହୋଇ କିଏ ଆଣି ମତେ ଔଷଧ ପତ୍ର ଯୋଗାଉଥାନ୍ତା ?

ସୁରେନ୍ଦ୍ର କିଛି କହେନି । ଖାଲି ମୁରୁକି ମୁରୁକି ହସିଦିଏ । ଦିନେ ଦିନେ ଅଞ୍ଜଳୀ ଏକାକୀ ଆସେ । ଦେବେନ୍ଦ୍ରର ଖଟ ଉପରେ ବସେ । ତା'ର ରୋଗ—ପାଣ୍ଡୁର ମଥାକୁ ଚିପି ବସେ । ହାତର ନାଡ଼ିକୁ ପରୀକ୍ଷା କରେ । ମୁଣ୍ଡକୁ ଆଉ ହାତର ନାଡକୁ ଚିପି ବସୁ ବସୁ ଆଖିରୁ ତା'ର ଲୁହ ଝରିପଡ଼େ ।

ଦେବେନ୍ଦ୍ର ରୋଗ ଶଯ୍ୟାରେ ଶୋଇ ଅଞ୍ଜଳୀର ଆଖିରେ ଲୁହ ଦେଖିପାରେ । କଥା କହିବାକୁ ତୁଣ୍ଡରେ ତା'ର ଶକ୍ତି ନ ଥିଲେ ମଧ୍ୟ ହାତ ଉଠାଇ ସେଇ ଲୁହ ପୋଛିବାକୁ ଉପକ୍ରମ କରେ । ଅଞ୍ଜଳୀ ବୁଝିପାରେ । ନିଜ ଆଖିରୁ ଲୁହ ପୋଛି କହେ—କେମିତି ଲାଗୁଛି ଦେବଭାଇ ?

ଦେବେନ୍ଦ୍ର ପାଟି ଖୋଲି କିଛି କହି ପାରେନି । ତା'ର ହାତଟାକୁ କେବଳ ଅଞ୍ଜଳୀର କୋଳ ଉପରେ ରଖି ଖାଲି ଦୀର୍ଘ

ନିଃଶ୍ୱାସ ଯାଆ ପକାଏ । ଅଞ୍ଜଳୀ ଦୁଃଖମନରେ ଫେରଯାଏ ପୁଣି ତା'ର ସ୍ୱାମୀଙ୍କର ବସାକୁ ।

ଦେବେନ୍ଦ୍ରର ଉତ୍ତାପ କମୁନି । ବରଂ ବେଶୀ ବେଶୀ ବଢ଼ୁଛି । ଟାଇଫଏଡ୍ ଭୟଂକର ଧରିଛି । ସେ ହସ୍ପିଟାଲକୁ ଗଲଣି । ଶେଫାଳୀ ଦିନରେ ପ୍ରାୟ ଅଧିକାଂଶ ସମୟ ସେଇଠି ରହୁଛି । ରାତିରେ ଫେରୁଛି ବସାକୁ । ପୁଅଟି ଅଞ୍ଜଳୀ ପାଖରେ ରହୁଛି ।

ସେଦିନ ଅଞ୍ଜଳୀ, ଶେଫାଳୀ ଆଉ ସୁରେନ୍ଦ୍ର ତିନିହେଁ ଆସିଛନ୍ତି ଡାକ୍ତର ଖାନାକୁ । ଡାକ୍ତର ଅଉ ନର୍ସ ଛିଡ଼ା ହୋଇଛନ୍ତି । ଦେବେନ୍ଦ୍ରର ହଠାତ୍ ନିଃଶ୍ୱାସ ବନ୍ଦ ହୋଇଗଲା । ଦେହଟା ପଥର ହୋଇଗଲା । କାଠ ପାଷାଣ ପରି ଡାକ୍ତରଖାନାର ଖଟିଆରେ ସେ ପଡ଼ି ରହିଲା । ମୁହଁ ଶ୍ରୀହୀନ ହୋଇ ଆସିଲା ।

ଡାକ୍ତର ଓ ନର୍ସ ଫେରି ଆସିଲେ ସେଇ ଖଟିଆ ପାଖରୁ । ଶେଫାଳୀ ମୁଣ୍ଡ ବାଡ଼େଇ କାନ୍ଦିଲା । ଅଞ୍ଜଳୀ ବି କାନ୍ଦି ଉଠିଲା । ସୁରେନ୍ଦ୍ର ଏକୁଆ ପରି ଚାହିଁ ରହିଛି ସେଇ ଆଡ଼କୁ ।

ଦେବେନ୍ଦ୍ରର ମୃତ୍ୟୁ ହେବାର ପାଞ୍ଚଦିନ ହୋଇଗଲାଣି । ଶେଫାଳୀ ଗାଁକୁ ଚିଠି ଲେଖିଛି । କିଛି ଖାଉନି । ଖାଲି ବସାରେ ପଡ଼ି ରହୁଛି ।

ସେଦିନ ସୁରେନ୍ଦ୍ର ଗଲା ତା' ଘରକୁ । ସଂଧ୍ୟା ଆସି ଯାଇଥିଲା । ଦେଖିଲା ଶେଫାଳୀ ଶୋଇଛି । ବିଜୁଳି ବତୀ ଯେଉଁମିତି ଜଳୁଛି । ସୁରେନ୍ଦ୍ର କହିଲା — ଶେଫି ଭାଗ୍ୟରେ ଯାହା ଲେଖା ଅଛି, ତାହାହିଁ ତୋତେ ଭୋଗ କରିବାକୁ ପଡ଼ିବ । ଆଜି ତୋର ପରମ ଦୁର୍ଦ୍ଦିନ । କିମିତି ତୋତେ ଆଜି ମୁଁ ସାନ୍ତ୍ୱନା ଦେବି. ବୁଝି ପାରୁନି । ଦୁର୍ଦ୍ଦିନର ଏଇ ଅନ୍ଧକାର ଭିତରେ, ମୁଁ କିପରି ଛାଡ଼ିବି ତୋତେ

ଅନେକ ଦେଶ ସୁଦୂରର ଆଗମନୀ ଇଙ୍ଗିତ ଦେଖାଇଛ, ଖୋଜି ଖୋଜି ମୁଁ ଖଣ୍ଡା ପାଉନି । କିନ୍ତୁ ମୁଁ ସବୁବେଳେ ତୋର ପାଖେ ପାଖେ ରହିଛି ଏ ପ୍ରତ୍ୟକ୍ଷ ଭାବେ ମୁଁ ଦେଖୁଛି ।

ଶେଫାଳୀ ଉଠି ବସିଲା । ଦେହରେ ସେଇ ଲାବଣ୍ୟ ତ'ର ନାହିଁ । ଶୁଖି ଶୁଖି ସତେ ଅବା ସେ କଙ୍କାଳସାର ହୋଇଛି । ଆଖି ଯୋଡ଼ିଏ କୋଟର ଭିତରକୁ ପଶି ଯାଇଛି । ଧଉଳଗଲା ହୋଇଛି—ବେକ ଫୁଙ୍ଗୁଲା ପଡ଼ିଛି ।

'ସୁର ଭାଇ, ସୁର ଭାଇ,' ଏତିକ କହି ସେ ଉଠିପଡ଼ିଲା । ସୁରେନ୍ଦ୍ରକୁ କୁଣ୍ଢାଇ ପକାଇ ସେ କାନ୍ଦି ଉଠିଲା ।

ସୁରେନ୍ଦ୍ର ତା' ଆଖିରୁ ଲୁହ ପୋଛିଲା; ନିଜେ ବି କାନ୍ଦିଲା ।

ଦୁହେଁ ଏହିମିତି କିଛି କାଳ ନୀରବରେ କନ୍ଦାକଟା କଲେ । ଆଖିରୁ ଲୁହ ପୋଛିଲେ । ସୁରେନ୍ଦ୍ର ଆସ୍ତେ ଆସ୍ତେ ତା'ର ନୁଖୁରା ଅଳିଆ ବାଳକୁ ସାଉଁଳାଇବାରେ ଲାଗିଲା । ପୁଣି ପିଠି ଉପରେ ନରମ କର ହାତ ଆଉଁଶିଲା ।

ଶେଫାଳି ସେହିମିତି ତା'ର ଛାତି ଭିତରେ ପଶିଛି······

ସୁରେନ୍ଦ୍ର ଛାତି ଉପରୁ ତାକୁ ଉଠାଇ ତା'ର ମୁହଁ ଆଡ଼କୁ ମୁହଁ ଲଗାଇ ଅଣ୍ଟିଛି, ଶେଫାଳୀ କାନ୍ଦି ଉଠି କହିଲା—ସୁର ଭାଇ, ଏ କ'ଣ କରୁଛ ? ସ୍ୱାମୀ ମୋର ମରିଛନ୍ତି । ତାଙ୍କ ସ୍ଥାନ ଆଉ କେହି ପୂରଣ କରି ପାରିବେନି । ମତେ ଛାଡ଼ିଦିଅ । ମତେ କ୍ଷମା ଦିଅ । ମତେ ଭୁଲିଯାଅ—ମୁଁ କଳଙ୍କିନୀ—ଭ୍ରଷ୍ଟା - ପାପିନୀ—

ପୁଣି ଥରେ ଜୋର୍‌ରେ କାନ୍ଦି ଉଠିଲା ଶେଫାଳୀ ।

ସୁରେନ୍ଦ୍ର ଶେଫାଳୀ ଆଡ଼କୁ ଅନାଇଁ ଠିଆ ହୋଇଛି । ଘର ନୀରବ । କେହି ଆଉ ନାହାନ୍ତି । ବାହାରେ ରାତିର ଅନ୍ଧାର ଗାଢ଼ ହୋଇ ଉଠୁଛି ।

## —ଅଠସ୍ତରି—

### ଭୟରେ ଗୋଟେ ପଣେ ଥରି ଉଠିଲା ସୁରେନ୍ଦ୍ର......

ସୁରେନ୍ଦ୍ର ଚାଲିଛି ନିଜ ଘରକୁ । ସହରର ରାଜପଥରେ ସେ ଆଗେଇ ଚାଲିଛି । ରାତି ପ୍ରାୟ ନ'ଟା ହୋଇ ଯାଇଥିଲା ସେଦିନ ।

ସୁରେନ୍ଦ୍ର ଭାବୁଛି, ଶେଫାଳୀକୁ କି ଦୃଷ୍ଟିରେ ସେ ଦେଖିଲା ଆଜି ? ସେ କିପରି ଏତେ ତଳକୁ ଖସି ଯାଇ ପାରିଲା ! ଶେଫାଳୀର ସ୍ୱାମୀ ନାହିଁ—ସେ ବିଧବା—ବୈଧବ୍ୟ-ଯନ୍ତ୍ରଣାରେ ସେ ଛଟି ପିଟି ହେଉଛି—ସ୍ୱାମୀର ସ୍ମୃତିକୁ ସେ ଏ ପର୍ଯ୍ୟନ୍ତ ବିସ୍ମୃତ ହୋଇ ନାହିଁ । ସେତିକି ବେଳେ ସେ କିପରି ଏତେ ନିଷ୍ଠୁର, ଅତି କାମାନ୍ଧ ହୋଇ ଉଠିଲା ? ନାଁ, ସେ ନିଷ୍ଠୁର ନୁହେଁ — କାମାନ୍ଧ ନୁହେଁ—ତେବେ···

ଅନୁତାପରେ ଜଳି ପୋଡ଼ି ହୋଇ ସୁରେନ୍ଦ୍ର ରାଜରାସ୍ତାରେ ଆଗେଇ ଚାଲିଛି—ରାସ୍ତା ଧାରର ଯାନବାହାନ ବି ଆଗେଇ ଚାଲିଛନ୍ତି···

ସୁରେନ୍ଦ୍ର ଭାବି ଭାବି ଚାଲିଛି—ଶେଫାଳୀକୁ ସେ ଭଲ ପାଇଥିଲା । ପ୍ରାଣ ଢାଳି ତାକୁ ମମତା ସୋହାଗ ଦେଖାଇଥିଲା । ପାଖରେ ଦେଖିବାର, ଆଉ ରଖିବାର କେତେ ସେ କଳ୍ପନା କରିଥିଲା ! ଆଜି କିନ୍ତୁ, ଯେତେବେଳେ ଶେଫାଳୀ ତା'ର ଛାତି ଉପରେ ଆଉଜି ପଡିଥିଲା, ତା' ମନ ତଳେ ଏ ପ୍ରବୃତ୍ତି ଜାଗିଲା କାହିଁକି ? ଏଇ ପଶୁ ପ୍ରବୃତ୍ତି ଜାଗି ମନ ଭିତରଟାକୁ ତା'ର କ୍ଲେଦ ଆଉ ପଙ୍କିଳ କରିଦେଲା କାହିଁକି ? ତା'ର ଦେହର ପଶୁ-ଆକ୍ରମଣରେ ଶେଫାଳୀ କ'ଣ ନ କହିଲା ସତେ ! ! ବାସ୍ତବିକ୍ ସେ ଭାରି ଅନ୍ୟାୟ କରିଛି—

ସେ ଏଇମିତି ଭାବି ଭାବି ଚାଲିଛି ସହରର ରାସ୍ତାରେ···

—ଅଶୀଅଶୀ—

ରାସ୍ତାରେ ସେ ଚାଲିଛି । ଯାନବାହନ ପ୍ରତି ତା'ର ନଜର ନାହିଁ । ସେ ଚାଲିଛି—ତାରି ପଛ ଆଡୁ ହଠାତ୍ ମଟର ହର୍ଣ୍ଣ ଶୁଭିଲା । ରାସ୍ତା କାଟି ଗୋଟିଏ ପାର୍ଶ୍ୱକୁ ଗଲାବେଳକୁ ଆଗ ଆଡୁ ଆଉ ଗୋଟିଏ ମଟର ଆସି ତା' ଦେହରେ ଧକ୍କା ବାଜିଲା । ସେ ଓଲଟି ପଡ଼ିଲା । ରକ୍ତାକ୍ତ ହୋଇ ଭୂଇଁରେ ସେ ଲୋଟି ପଡ଼ିଲା । ସବୁ ଶୁନ୍‌ଶାନ୍‌·······

ତା' ପର ଦିନ, ଏ ଖବର ସହର ତମାମ୍ ବ୍ୟାପିଗଲା । ଖୁବ୍ ସକାଳୁ ଶେଫାଳୀ ଆସିଛି ଅଞ୍ଜଳୀର ପାଖକୁ । ସେ ଦେଖିଲା, ଅଞ୍ଜଳୀ ବସି କାନ୍ଦୁଛି । ମୁଣ୍ଡ ପିଟୁଛି । ଶେଫାଳୀକୁ ଦେଖି ଭୂଇଁରୁ ସେ ଉଠି ପଡ଼ିଲା, ଶେଫାଳୀ ତାକୁ କୁଣ୍ଢାଇ ପକାଇଲା । ଦୁହେଁ କାନ୍ଦିବାରେ ଲାଗିଛନ୍ତି—ଆଖିରୁ ଲୁହ ଗଡାଇ, ଡୁହାଇ ଡୁହାଇ ସେମାନେ କାନ୍ଦିବାରେ ଲାଗିଛନ୍ତି·····ପରସ୍ପରର ସମାନ୍ତରାଳ ଦୁଃଖ, ଦହନ, ଜ୍ୱାଳା ଆଉ ହାହାକାରକୁ ଦୁହେଁ ଢାଳି ଦେଲେ ଲୁହ ଆଉ ହାବୁକା ହାବୁକା କୋହ ଝରଣାରେ ଷନ୍ନମସ୍ନ କରିବାରେ ଲାଗିଛନ୍ତି·····

ନବବର୍ଷ, ୧୯୫୯
ନୂଆ ରାଜଧାନୀ
ଭୁବନେଶ୍ୱର

ଗଣପ୍ରକାଶନୀ ପ୍ରେସରେ, ଶ୍ରୀ ମହେଶ୍ୱର ମିଶ୍ରଙ୍କ ଦ୍ୱାରା ମୁଦ୍ରିତ
ଚଣ୍ଡୀରୋଡ଼, କଟକ-୧